ଏସିଆନ ଗେମ୍ସ-୨୦୨୬ : ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଲେ ଭାରତୀୟ ମହିଳା କ୍ରିକେଟ୍ ଦଳ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ ୦୦.୬୦ ପଇସା ଅଷ୍ଟପୃଷ୍ଠା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୩୪ ● ୨୩ ସେପ୍ଟେମ୍ବର ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-234 ● 23rd September 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ଆଜି ଓଡ଼ିଶା ଉପକୂଳ ଅତିକ୍ରମ କରିବ ଅବପାତ

ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା !

ଭୁବନେଶ୍ୱର, ୨୨।୯
ନ୍ୟୁଜ୍ ବ୍ୟୁରୋ



ବଙ୍ଗୋପସାଗରରେ କ୍ରମଶଃ ତୀବ୍ର ହେଉଥିବା ଅବପାତ ଗଭୀର ଅବପାତରର ରୂପ ନେବାରେ ଲାଗିଛି । ଏହା ପଶ୍ଚିମ ଉତ୍ତରପଶ୍ଚିମ ଦିଗକୁ ଗତି କରି ଗୁରୁବାର ରାତିରେ ଓଡ଼ିଶା ଉପକୂଳ ଛୁଇଁବ ବୋଲି ଆଇଏମ୍‌ଡି ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ପ୍ରକାଶ କରିଛନ୍ତି ।

ଡ. ମହାପାତ୍ରଙ୍କ ସୂଚନା ଅନୁସାରେ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ବିଶାଖାପାଟଣା-ଗୋପାଳପୁର ଭିତରେ ଉପକୂଳ ଅତିକ୍ରମ କରିବ । ଉପକୂଳକୁ ଆସିଲା ବେଳେ ଗଭୀର ଅବପାତର ଗତି କମିଯିବ । ଅଧିକ ସମୟ ଦକ୍ଷିଣ ଓଡ଼ିଶା ଉପକୂଳରେ ରହିବାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ବିଶେଷକରି ଦକ୍ଷିଣ ଓଡ଼ିଶାର ଜିଲ୍ଲାମାନଙ୍କରେ ଅତି ପ୍ରବଳ ବର୍ଷା ହେବ । କିଛି ସ୍ଥାନରେ ଅଧିକରୁ ଅଧିକ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ୨୪ ତାରିଖ ବେଳକୁ ଉପକୂଳରେ ବର୍ଷା କମିବ । ଆଭ୍ୟନ୍ତରୀଣ ଓଡ଼ିଶାରେ ଅଧିକ ବର୍ଷା ହେବ । ଅବପାତ କ୍ରମଶଃ ଉତ୍ତର ଉତ୍ତରପଶ୍ଚିମ ହୋଇ ଛତିଶଗଡ଼ ଅଭିମୁଖେ ଯିବ । ସ୍ଥଳଭାଗ ଛୁଇଁଲା ବେଳେ ପବନର ବେଗ ୫୫ରୁ ୬୫ କି.ମି. ରହିବ । ଅନ୍ୟପକ୍ଷେ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଓ ମାଟି ଅତଡ଼ା ଖସିବାର ଆଶଙ୍କା ରହିଛି । ବାତ୍ୟା ପ୍ରଭାବରେ *(ପୃଷ୍ଠା ୭ରେ)*

ମୌସୁମୀ ଅଧିବେଶନର ପ୍ରଥମ ଦିନ

ଶୋକ ପ୍ରସ୍ତାବ ପରେ ବିରୋଧୀଙ୍କ ହଟ୍ଟଗୋଳ

ଭୁବନେଶ୍ୱର, ୨୨।୯
ନ୍ୟୁଜ୍ ବ୍ୟୁରୋ



ମଙ୍ଗଳବାର ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ତଥା ମୌସୁମୀ ଅଧିବେଶନର ପ୍ରଥମ କାର୍ଯ୍ୟ ଦିବସ ବିରୋଧୀ ଦଳର ହଟ୍ଟଗୋଳ ଓ ନାରାବାଜି ଯୋଗୁ ଚାଲିପାରି ନାହିଁ । କେବଳ ଦିବଂଗତ ପୂର୍ବତନ ମନ୍ତ୍ରୀ ଓ ବିଧାୟକ ଏବଂ ନେପାଳରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ପ୍ରାଣ ହରାଇଥିବା ଓ ନିଖୋଜ ହୋଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ଓ ଆଲୋଚନା ସହ ପାରିତ ହେବା ପରେ ପରେ ଗୃହରେ ବିରୋଧୀ ଦଳର ହଟ୍ଟଗୋଳ ଆରମ୍ଭ ହୋଇଯାଇଥିଲା । ଏଥିପାଇଁ ବାଚସ୍ପତି ଏବଂ ଉପବାଚସ୍ପତି ଗୃହକୁ ଏକାଧିକବାର ମୁଲତବୀ କରିଥିଲେ । ସ୍ୱାଭାବିକ ଅବସ୍ଥା ନଫେରିବାରୁ ଗୃହକୁ ବୁଧବାର ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା । ଏଥିଯୋଗୁ ଗୃହରେ *(ପୃଷ୍ଠା ୭ରେ)*

ବନ୍ଦେ ମାତରମର ସବୁ ପଦ ନ ଗାଇଲେ ଅପରାଧ ହେବ ନାହିଁ



ନୂଆଦିଲ୍ଲୀ, ୨୨।୯

ବନ୍ଦେ ମାତରମର ଗୋଟିଏ ବା ସମସ୍ତ ପଦ ଗାଇବାକୁ ମନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଅପରାଧିକ ମାମଲା ଚାଲିବା ଉଚିତ ନୁହେଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ମତ ଦେଇଛନ୍ତି । ତେବେ ଏହା ଏବେ ବିଧିବଦ୍ଧ ରାୟ ନୁହେଁ । ସୁପ୍ରିମ୍‌କୋର୍ଟ ବନ୍ଦେ ମାତରମ୍ ଗାଇବାକୁ ବାଧ କରିବା ସମ୍ପର୍କିତ ୨୦୨୬ର ସଂଶୋଧିତ ଆଇନର ସାମ୍ବିଧାନିକ ବୈଧତା ନେଇ ଆଗତ ଆବେଦନ ଉପରେ କେନ୍ଦ୍ର ସରକାରଙ୍କଠାରୁ ଦୁଇ ସପ୍ତାହ ମଧ୍ୟରେ ଜବାବ ତଲବ କରିଛନ୍ତି ।

ବନ୍ଦେ ମାତରମର ସମ୍ପୂର୍ଣ୍ଣ ୬ଟି ପଦ ଗାଇବାକୁ କେତେକ ସରକାରୀ, ସାଂସ୍କୃତିକ ଓ ଔପଚାରିକ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ରହିଛି । ଏହାକୁ ନେଇ କର୍ଣ୍ଣାଟକୀ *(ପୃଷ୍ଠା ୭ରେ)*

ଆଇପିଏସ୍ ସ୍ତରରେ ଅଦଳବଦଳ: ଡ. ସର୍ବଣା ବିବେକ ଏମ୍ ଭୁବନେଶ୍ୱରର ନୂଆ ଡିସିପି



ଭୁବନେଶ୍ୱର, ୨୨।୯
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ମଙ୍ଗଳବାର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀସ୍ତରରେ ଅଦଳବଦଳ କରିଛନ୍ତି । ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ୪ ଜଣ ଆଇପିଏସ୍ ଅଧିକାରୀଙ୍କୁ ନୂତନ ପଦରେ ନିଯୁକ୍ତି ଦିଆଯାଇଛି । ବର୍ତ୍ତମାନ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଥିବା ଡ. ସର୍ବଣା ବିବେକ ଏମ୍‌ଙ୍କୁ ଭୁବନେଶ୍ୱର ଡିସିପି ଭାବେ ନିଯୁକ୍ତି ଦିଆଯାଇଛି ।

ସେହିପରି ଢେଙ୍କାନାଳ ଏସ୍‌ପି ଥିବା ଅଭିନବ ସୋନକରଙ୍କୁ ବ୍ରହ୍ମପୁର ଏସ୍‌ପି ଭାବେ ବଦଳି କରାଯାଇଛି । ରାଜ୍ୟ ପୋଲିସ ମୁଖ୍ୟାଳୟରେ ସହକାରୀ ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟରତ ଏ.ବି. ଶିଙ୍ଗାଙ୍କୁ ବରଗଡ଼ ଏସଡିପିଓ ଭାବେ ନିଯୁକ୍ତି ମିଳିଛି ।ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜିଙ୍କା ବି. ମାନେଙ୍କୁ ଢେଙ୍କାନାଳ ଏସ୍‌ପି ଭାବେ ବଦଳି କରାଯାଇଛି ।

୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ଅନନ୍ତ ନାଗଙ୍କୁ ମିଳିଲା 'ଦାଦା ସାହେବ ଫାଲ୍‌କେ' ପୁରସ୍କାର

ନୂଆଦିଲ୍ଲୀ, ୨୨।୯

୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ଗୁଜୁରାଟର ଏକତା ନଗରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ୨୦୨୪ ବର୍ଷ ପାଇଁ ପ୍ରଦତ୍ତ ଏହି ପୁରସ୍କାର ତାଲିକା ପୂର୍ବରୁ ଘୋଷିତ ହୋଇସାରିଥିଲା । ବରିଷ୍ଠ ଅଭିନେତା ଅନନ୍ତ ନାଗଙ୍କୁ 'ଦାଦା ସାହେବ ଫାଲ୍‌କେ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା । 'ଆର୍ଟିକିଲ୍ ୩୭୦'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏଥିରେ ବଳିଷ୍ଠ ଅଭିନୟ ପାଇଁ ୟାମୀ ଗୌତମଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । *(ପୃଷ୍ଠା ୭ରେ)*

୧୨ ରାଜ୍ୟସଭା ଏବଂ ୨୮ ଏମଏଲସି ଆସନ ପାଇଁ ନିର୍ବାଚନ: କାର୍ଯ୍ୟସୂଚୀ ଘୋଷଣା

ନୂଆଦିଲ୍ଲୀ, ୨୨।୯

ନିର୍ବାଚନ କମିଶନ ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶରେ ୨୮ ବିଧାନ ପରିଷଦ(ଏମଏଲସି) ଆସନରେ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ଏହି ଆସନଗୁଡ଼ିକ ପାଇଁ ମତଦାନ ଅକ୍ଟୋବର ୨୩ ତାରିଖରେ ହେବ । ଭୋଟ୍ ଗଣତି ଅକ୍ଟୋବର ୨୬ ତାରିଖରେ ହେବ । ଏମଏଲସି ଆସନରେ ସ୍ନାତକ ଏବଂ ଚାରିଟି ଶିକ୍ଷକ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କରାଯିବ । ସେଥିମଧ୍ୟରେ ଉତ୍ତର ପ୍ରଦେଶର ୧୧ ବିହାରର ୮, ମହାରାଷ୍ଟ୍ରର ୫ ଏବଂ କର୍ଣ୍ଣାଟକର ୪ ଆସନ ରହିଛି । ଏହା ସହିତ ନିର୍ବାଚନ କମିଶନ ଉତ୍ତର ପ୍ରଦେଶର ୧୦, ଉତ୍ତରାଖଣ୍ଡର ଗୋଟିଏ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଘୋଷଣା କରିଛନ୍ତି । ସେହିପରି ପଶ୍ଚିମବଙ୍ଗରେ ଖାଲି ପଡ଼ିଥିବା ଗୋଟିଏ ଆସନ ପାଇଁ ଉପନିର୍ବାଚନ ହେବ । ଏହି ସମସ୍ତ ଆସନ ପାଇଁ ମତଦାନ ୧୬ ଅକ୍ଟୋବରରେ ହେବ ଏବଂ ସେହି ଦିନ ଭୋଟ୍ ଗଣତି କରାଯିବ ।

Government of India | Pradhan Mantri Jan Arogya Yojana PM-JAY

ଡାକ୍ତର ବାବୁ,
ଦୟାକରି ତୁରନ୍ତ ଚିକିତ୍ସା ଆରମ୍ଭ କରନ୍ତୁ...
ଖର୍ଚ୍ଚ ବାବଦରେ ଚିନ୍ତା କରନ୍ତୁ ନାହିଁ।

କାରଣ ବର୍ତ୍ତମାନ ଆମ ପାଖରେ ଆୟୁଷ୍ମାନ ଭାରତର ଭରସା ରହିଛି ।

- ୬୦+ କୋଟି ଅସହାୟ ଲୋକଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା
- ୭୦ ବର୍ଷରୁ ଅଧିକ ବୟସ୍କ ୬ କୋଟି ବରିଷ୍ଠ ନାଗରିକଙ୍କୁ ମଧ୍ୟ ମିଳୁଛି ଆୟୁଷ୍ମାନ ଭାରତ ସୁବିଧା
- ହିତାଧିକାରୀଙ୍କର ୨ ଲକ୍ଷ କୋଟି ଟଙ୍କାର ସିଧାସଳଖ ସଞ୍ଚୟ
- ୧୩ କୋଟିରୁ ଅଧିକ ଡାକ୍ତରଖାନା ଭର୍ତ୍ତି

ସାରା ଦେଶରେ ୩୮,୦୦୦ରୁ ଅଧିକ ଡାକ୍ତରଖାନାରେ ଚିକିତ୍ସା ସୁବିଧା

୧.୮୬ ଲକ୍ଷ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ୬୦ରୁ ଅଧିକ ପରୀକ୍ଷା ଏବଂ ୧୫୦ରୁ ଅଧିକ ଔଷଧ ମାଗଣା ।

ହିତାଧିକାରୀଙ୍କୁ ନିଜ ରାଜ୍ୟ ବାହାରେ ମଧ୍ୟ ଦେଶର ଯେକୌଣସି ଭାଗରେ ଚିକିତ୍ସାର ସୁବିଧା

କ୍ୟାନ୍ସର, ହାର୍ଟ ଏବଂ ଅଙ୍ଗ ପ୍ରତିରୋପଣ ଭଳି ଗମ୍ଭୀର ରୋଗ ପାଇଁ ମଧ୍ୟ ୧୦୦% ସୁରକ୍ଷା



ଆୟୁଷ୍ମାନ ଭାରତର ୮ ବର୍ଷ ପୂର୍ତ୍ତି
ମାଗଣା ଚିକିତ୍ସା, ସୁସ୍ଥ ପରିବାର

CBC 17180/13/0009/2627

ଆଜି ହିଁ ନିଜର ଯୋଗ୍ୟତା ଯାଞ୍ଚ କରନ୍ତୁ: Ayushman App | beneficiary.nha.gov.in

ଟୋଲ୍-ଫ୍ରି ୧୪୫୫୫

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୨୩ ସେପ୍ଟେମ୍ବର ୨୦୨୬ ବୁଧବାର



ଚୌଦ୍ୱାର ଜେଲ୍‌ରେ ଅଧିକ୍ଷକ ଥିବା ସୁଜିତ ରାଉଳ ସେହି ଜେଲ୍‌ରେ କଏଦୀ ହୋଇ ରାତି କାଟିଲେ

କଟକ, ନ୍ୟୁଜ୍ ବ୍ୟୁରୋ

ନିଜେ ଯେଉଁ ଜେଲ୍‌ରେ ଅଧୀକ୍ଷକ ଥିଲେ, ସେହି ଜେଲ୍‌ରେ ରାତି କାଟିଛନ୍ତି ସୁଜିତ ରାଉଳ। ଚୌଦ୍ୱାର ସର୍କଲ୍ ଜେଲ୍ ଅଧୀକ୍ଷକ ସୁଜିତଙ୍କୁ ଚୌଦ୍ୱାର ପୋଲିସ ଗିରଫ କରିବା ପରେ ଏବେ ନିଜ ଜେଲ୍‌ରେ କଏଦୀଙ୍କ ଭଳି ଦିନ କାଟୁଛନ୍ତି। ୨୦୨୫ର ଦୁଇ ବିହାରୀ କଏଦୀ ଫେରାର୍ ଘଟଣାରେ ସୁଜିତଙ୍କ ସଂପୃକ୍ତି ଅଭିଯୋଗ ସହିତ ଜେଲ୍‌ର ମିନିଟ୍ ବୁକ୍ ଜାଲିଆଡି କରିଥିବା ନେଇ ତାଙ୍କ ନାଁରେ ଅଭିଯୋଗ ହୋଇଥିଲା। କିଛିଦିନ ତଳେ ହାଇକୋର୍ଟରେ ତାଙ୍କ ଆଗୁଆ ଜାମିନ୍ ଆବେଦନ ନାମଞ୍ଜୁର ହେବାପରେ ଗିରଫ ହୋଇଛନ୍ତି ସୁଜିତ। ଗତ ରାତିରେ ତାଙ୍କୁ ଟାଙ୍ଗୀ JMFCଙ୍କ ନିକଟରେ ହାଜର କରାଯିବା ପରେ ଜେଲ୍‌କୁ ପଠାଇ ଦିଆଯାଇଥିଲା। ସୁଜିତଙ୍କ ବିରୋଧରେ BNSର ଧାରା ୩୩୬ (୩) ଜାଲିଆଡି କରି ଠକିବା, ୩୩୬ (୪) ମାନହାନୀ କରିବା ଉଦ୍ଦେଶ୍ୟରେ ଜାଲିଆଡି କରିବା, ୩୩୭ ଅର୍ଥାତ୍ ସରକାରୀ ରେକର୍ଡ ଜାଲିଆଡି କରିବା ଭଳି ଦଫା ଲାଗିଛି। ସେପଟେ ଏ ପର୍ଯ୍ୟନ୍ତ ଜେଲ୍ ମିନିଟ୍ ବୁକ୍ ପୋଲିସର ହସ୍ତଗତ ହୋଇନଥିବା କଟକ ଡିସିପି ସୂଚନା ଦେଇଛନ୍ତି। ତେଣେ ଜେଲ୍ ଡିଜି ସୁଶାନ୍ତ ନାଥ, ଚୌଦ୍ୱାର ଜେଲ୍‌ରେ ପହଞ୍ଚି ସେଠାକାର ସ୍ଥିତିର ସମୀକ୍ଷା କରିଛନ୍ତି। ୨୦୨୫ ଅକ୍ଟୋବର ୨। ଦଶହରା ପାଇଁ ସବୁଆଡ଼େ ଉତ୍ସବ ମୁଖର ପରିବେଶ ଥିବାବେଳେ ଚୌଦ୍ୱାର ଜେଲ୍‌ରୁ ଦୁଇ ବିହାରୀ କଏଦୀ ରାଜା ସାହାଣୀ ଓ ମଧୁକାନ୍ତ ରଣା ଫେରାର୍ ମାରିଥିଲେ। ଏହି ଘଟଣା ପରେ ସନ୍ଦେହ ଘେରକୁ ଆସିଥିଲେ ଜେଲ୍ ଅଧୀକ୍ଷକ ସୁଜିତ ରାଉଳ। କଏଦୀ ଫେରାର୍ ଘଟଣାରେ ସୁଜିତଙ୍କ ସଂପୃକ୍ତି ସହ ଜେଲ୍‌ର ମିନିଟ୍ ବୁକ୍ ଏବଂ ଦସ୍ତଖତ ଜାଲିଆଡି କରଯାଇଥିବା ନେଇ ତାଙ୍କ ନାଁରେ ତତ୍କାଳୀନ ଜେଲର୍ ସନ୍ତୋଷିନୀ ଦାସ ଥାନାରେ ଅଭିଯୋଗ କରିଥିଲେ। ଯେଉଁଦିନ ଦୁଇ କଏଦୀ ଜେଲ୍‌ରୁ ଚମ୍ପଟ୍ ମାରିଥିଲେ ସେହିଦିନ ନିଜେ ଅଧିକ୍ଷକ ସୁଜିତ ଜେଲ୍‌ରେ ଅନୁପସ୍ଥିତ ଥାଇ ମଧ୍ୟ ମିନିଟ୍ ବୁକ୍‌ରେ ନିଜେ ଉପସ୍ଥିତ ଥିବା ନେଇ ଦର୍ଶାଇଥିଲେ। ଏହାସହ ତାଙ୍କ ଦସ୍ତଖତ ମଧ୍ୟ ଜାଲିଆଡି କରିଥିବା ନେଇ ସାଂଘାତିକ ଅଭିଯୋଗ କରିଥିଲେ ତତ୍କାଳୀନ ଜେଲର । କମିଶନରେଟ୍ ପୋଲିସ ଘଟଣାର ତଦନ୍ତ କରିବା ସହ ସୁଜିତଙ୍କୁ ଏ ନେଇ ପଚରା ଉଚରା କରିଥିଲା। ହେଲେ ସେ ତଦନ୍ତରେ ସହଯୋଗ କରୁନଥିବା ବେଳେ ବାରମ୍ବାର କହିବା ସତ୍ତ୍ୱେ ପୋଲିସ ମିନିଟ୍ ବୁକ୍ ଦେଇନଥିଲେ। ଶେଷରେ ଗତ ଅଗଷ୍ଟ ୧୭ରେ ମିନିଟ୍ ବୁକ୍ ଗାଏବ୍ ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ। ଗିରଫଦାରୀ ଆଶଙ୍କା କରି ସୁଜିତ, ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ନାମଞ୍ଜୁର କରିଥିଲେ। ଏହାପରେ ସୁଜିତ କେଉଁଆଡ଼େ ଗାଏବ୍ ହୋଇଯାଇଥିଲେ। ପ୍ରଶ୍ନ ଉଠୁଛି ଏତେ ସବୁ ଘଟଣା ସତ୍ତ୍ୱେ ସୁଜିତ କୁମାରଙ୍କୁ ପୂର୍ବରୁ କାହିଁକି ଡ୍ୟୁଟିରୁ ଅପସାରଣ କରାଗଲା ନାହିଁ? ତାଙ୍କୁ କେଉଁ ବରିଷ୍ଠ ଅଧିକାରୀ ସୁରକ୍ଷା ଦେଉଥିଲେ? ଚୌଦ୍ୱାର ଜେଲ୍ ବିବାଦରୁ ପୁରା ବିଭାଗ ବଦ୍‌ନାମ୍ ମୁଣ୍ଡାଇଥିବା ବେଳେ ଆଗକୁ ଏହି ମାମଲା କି ମୋଡ଼ ନେଉଛି ତାକୁ ଅପେକ୍ଷା।

ବ୍ରହ୍ମପୁର ଉପଖଣ୍ଡ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ



ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନର ନିରବଚ୍ଛିନ୍ନ ପ୍ରକ୍ରିୟା ପରେ ବ୍ରହ୍ମପୁର ଉପଖଣ୍ଡରେ ବହୁ ପ୍ରତୀକ୍ଷିତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଏଥିନିମନ୍ତେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ନିର୍ବାଚନ ଉପବିଭାଗ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳ ଅବିନାଶ କୁମାର (ଆଇଏଏସ୍)ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଇ.ଆର୍.ଓ ଏବଂ ଏ.ଇ.ଆର୍.ଓଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଗଣ ଉପସ୍ଥିତ ଥିଲେ । ଏହି ସଂଶୋଧନ ପ୍ରକ୍ରିୟାରେ ସାମିଲ୍ ଥିବା ବୁଥ୍ ସ୍ତରୀୟ ଅଧିକାରୀ, ବୁଥ୍ ସ୍ତରୀୟ ଏଜେ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ନିର୍ବାଚନ ଅଧିକାରୀ ଏବଂ କର୍ମଚାରୀମାନଙ୍କ ନିରବଚ୍ଛିନ୍ନ ଉଦ୍ୟମ ଏବଂ ଅକ୍ଲାନ୍ତ ପରିଶ୍ରମ ନିମନ୍ତେ ଉପଜିଲ୍ଲାପାଳ ସେମାନଙ୍କୁ ଧନ୍ୟବାଦ ଦେବା ସହ ସେମାନଙ୍କର ନିଷ୍ଠା ପ୍ରତି ସାଧୁବାଦ ଜଣାଇଥିଲେ । ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପୂର୍ବରୁ ୧୩୦- ସାନଖେମୁଣ୍ଡିରେ ୨,୩୫,୪୧୫ ଜଣ, ୧୩୨- ଗୋପାଳପୁରରେ ୨,୨୯,୪୬୦ ଜଣ, ୧୩୩- ବ୍ରହ୍ମପୁରରେ ୨,୩୨,୧୪୨ଜଣ, ୧୩୪- ଦିଗପହଣ୍ଡିରେ ୨,୨୪,୯୯୦ ଜଣ ଏବଂ ୧୩୫- ଚିକିଟିରେ ୨,୧୮,୨୮୨ ଜଣ, ବ୍ରହ୍ମପୁରରେ ୨,୧୨,୯୮୭ ଜଣ, ଦିଗପହଣ୍ଡିରେ ୨,୨୨,୭୩୪ ଜଣ ଏବଂ ଚିକିଟିରେ ୧,୯୮,୫୬୫ ଜଣ ଚୂଡ଼ାନ୍ତ ହୋଇଛି । ଏହି ସଂଶୋଧନ ପ୍ରକ୍ରିୟାରେ ଯୋଗ୍ୟ ଯୁବ ଭୋଟରଙ୍କ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବା ପାଇଁ ବିଶେଷ ଉଦ୍ୟମ କରାଯାଇଛି । ଉକ୍ତ ବୈଠକରେ ଏଡ଼ିଏମ୍ ସୁନୀଲ୍ କୁମାର କେର୍କେଟରା, ମହାନଗର ନିଗମ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଅତିରିକ୍ତ ଉପଜିଲ୍ଲାପାଳ ରୀନା କୁମାରୀ ନାଏକ, ଡେପୁଟି କଲେକ୍ଟର ଅଲେଖ ରଞ୍ଜନ ମହାଙ୍କୁଡ଼, ସୁବ୍ରତ ଶତପଥୀ, ତହସିଲଦାର ରାକେଶ କୁମାର ପରିଡ଼ାଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତଥିଲେ ।

ଡିଜେ ଓ ମାତ୍ରାଧିକ ସାଉଣ୍ଡ ବକ୍ସ ଲାଗିଥିବା ଗାଡ଼ି ଗୁଡିକ ଜବତ ହେବ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାରେ ଗତ କିଛିଦିନ ତଳେ ମାତ୍ରାଧିକ ସାଉଣ୍ଡ ବକ୍ସ ଲାଗିଥିବାରୁ ତାହା ବିଦ୍ୟୁତ୍ ତାର ସହିତ ସଂଯୋଗ ହେବାରୁ ସେ ମୃତ୍ୟୁବରଣ କରିଥିବା ଅଭିଯୋଗ ହେବାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିଜେ ଓ ମାତ୍ରାଧିକ ବକ୍ସ ଲାଗିଥିବା ଗାଡିଗୁଡିକୁ ଜବତ କରିବା ପାଇଁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବ୍ୟାଣ୍ଡ ପାର୍ଟି ମାଲିକମାନେ ମନ ମୁତାବକ ଆଇନ୍‌କୁ ଖାତିର୍ ନକରି ବେଆଇନ୍ ଭାବେ ବିଭିନ୍ନ ଗାଡି ନିର୍ମାଣ କରି ସେଥିରେ ୪୦ ରୁ ୫୦ ସାଉଣ୍ଡ ବକ୍ସ, ବିଭିନ୍ନ ଆଲୋକୀକରଣ ପାଇଁ ଲାଇଟ୍ ଓ ଡିଜେ ଲଗାଇ ଜନସାଧାରଣଙ୍କୁ ଅସୁବିଧାରେ ପକାଉଥିବାରୁ ଏହି ଗାଡି ଗୁଡିକୁ ଜବତ କରିବା ପାଇଁ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଭସାଣୀ ଉତ୍ସବ, ବାହାଘର ଶୋଭାଯାତ୍ରା ଓ ମେଲୋଡି ଏବଂ ଅନ୍ୟାନ୍ୟ ସଭା ସମିତି ସମୟରେ ମାତ୍ରାଧିକ ବକ୍ସ ବ୍ୟବହାର କରିବାରୁ ଜନସାଧାରଣ, ବରିଷ୍ଠ ନାଗରିକ ଓ ରୋଗୀ ଓ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ୬୫ ଡେସିବିଲ୍ ଉପରେ ବଜାଉଥିବା ମାଇକ୍ ଓ ଲାଉଡ୍ ସ୍ପିକର ସମସ୍ତ ଗାଡି ଗୁଡିକୁ ଜବତ କରି ପୋଲିସ୍‌କୁ ହସ୍ତାନ୍ତର କରିବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ମା' ବିରଜାଙ୍କ ମନ୍ଦିର ଓ ଦଶାଶ୍ୱମେଧ ଘାଟରେ ଆଶୀର୍ବାଦର ଦୀପ ପ୍ରଜ୍ୱଳନ



ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲାରେ 'ଆଶୀର୍ବାଦର ଦୀପ ପ୍ରଜ୍ୱଳନ' କାର୍ଯ୍ୟକ୍ରମ ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଛି। ଜିଲ୍ଲାସ୍ତରରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ପରିସର ଓ ଐତିହାସିକ ଦଶାଶ୍ୱମେଧ ଘାଟ ଠାରେ ଆଶୀର୍ବାଦର ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ସମାଜସେବୀ ଗୌତମ ରାୟ, ପୌରପାଳିକା ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଅତିରିକ୍ତ ତହସିଲଦାର, ଯାଜପୁର, ଡିପିସି ମିଶନ ଶକ୍ତି ସୀତାଂଶୁ ଶେଖର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବର୍ଗର ଜନପ୍ରତିନିଧି, ମିଶନ ଶକ୍ତିର ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସାଧାରଣ ଜନତା ଉପସ୍ଥିତ ରହିଥିଲେ। ସେହିପରି ଦଶାଶ୍ୱମେଧ ଘାଟ ଠାରେ ସମାଜସେବୀ ତପନ କୁମାର ନନ୍ଦ, ଡିପିସି ମିଶନଶକ୍ତି ସୀତାଂଶୁ ଶେଖର ସାହୁ, ମହିଳା ଏସ୍‌ଏଚ୍‌ଜି ପ୍ରମୁଖ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ। 'ସେବା ସଂକଳ୍ପ ଅଭିଯାନ'ର ଉଦ୍ଦେଶ୍ୟ ହେଉଛି ସେବା, ସମର୍ପଣ ଓ ଜନକଲ୍ୟାଣର ବାର୍ତ୍ତାକୁ ତୃଣମୂଳସ୍ତରରେ ପହଞ୍ଚାଇବା। ଏହି ଅବସରରେ ପ୍ରଜ୍ୱଳିତ ଦୀପ ସେବା ଓ ସାମାଜିକ ଦାୟିତ୍ୱ ପ୍ରତି ଏକତା ଏବଂ ସଂକଳ୍ପର ପ୍ରତୀକ ଭାବେ ପରିଗଣିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ ଓ ପ୍ରମୁଖ ସ୍ଥାନରେ ମଧ୍ୟ ଏହି ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁକିନ୍ଦା ଜଗନ୍ନାଥ ମନ୍ଦିର ଠାରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ଗୋକର୍ଣ୍ଣେଶ୍ୱର ମନ୍ଦିର ଠାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବ୍ୟାସସରୋବର ଠାରେ କୋରେଇ ବିଧାୟକ ଆକାଶ ଦାସନାୟକ ଏବଂ ମହାବିନାୟକ ମନ୍ଦିର ଠାରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଛତିଆ ଠାରେ ବିଜେପି ସଭାପତି ଦେବଯାନୀ ପ୍ରଧାନଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସେହିପରି ରତ୍ନଗିରି ବୌଦ୍ଧ ବିହାର, ବରୁଣେଶ୍ୱର ମନ୍ଦିର ଏବଂ ଉଦୟଗିରି ବୌଦ୍ଧ କମ୍ପ୍ଲେକ୍ସ ଠାରେ 'ଆଶୀର୍ବାଦ ଦୀପ ପ୍ରଜ୍ୱଳନ' କାର୍ଯ୍ୟକ୍ରମ ପାଳିତ ହୋଇଥିଲା।

ସୁବର୍ଣ୍ଣପୁର ଜିଲ୍ଲାରେ ସଂଶୋଧିତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ



ସୁବର୍ଣ୍ଣପୁର ଜିଲ୍ଲାରେ SIR-୨୦୨୬ ଅନ୍ତର୍ଗତ ଚୂଡ଼ାନ୍ତ ଭୋଟର ତାଲିକା ଭାରପ୍ରାପ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର ରାଜେନ୍ଦ୍ର ମାଢ଼ିଙ୍କ ସଭାପତିତ୍ୱରେ ପ୍ରକାଶ କରାଯାଇଛି। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନ ପ୍ରଧାନ, ଡେପୁଟି ଜିଲ୍ଲା ନିର୍ବାଚନ ଅଧିକାରୀ କ୍ରିଷ୍ଣନ ସାହୁ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଯମୁନା ପ୍ରଧାନ, ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ସୁବର୍ଣ୍ଣପୁର ଜିଲ୍ଲାର ସାମ୍ବାଦିକ ମାନେ ଉପସ୍ଥିତ ଥିଲେ। ଜିଲ୍ଲାର ୬୪- ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ୩୦୭ଟି ବୁଥ୍‌ରେ ମହିଳା ୧,୧୦,୧୦୮ ଜଣ, ପୁରୁଷ ୧,୦୧,୦୬୯ ଜଣ ଓ ତୃତୀୟ ଲିଙ୍ଗୀ ୩ ଜଣ ମୋଟ୍ ଭୋଟର ୨,୧୧,୧୮୦ ଜଣ ଅଛନ୍ତି। ୬୫- ସୋନପୁର ନିର୍ବାଚନ ମଣ୍ଡଳୀର ୩୫୫ଟି ବୁଥ୍‌ରେ ମହିଳା ୧,୨୯,୬୯୩ ଜଣ, ପୁରୁଷ ୧,୨୧,୫୦୯ ଜଣ ଓ ତୃତୀୟ ଲିଙ୍ଗୀ ୨ ଜଣ ମୋଟ୍ ଭୋଟର ୨,୫୦,୨୦୪ ଜଣ ଅଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ମୋଟ୍ ୬୬୨ଟି ବୁଥ୍‌ରେ ମହିଳା ୨,୩୯,୮୦୧ ଜଣ, ପୁରୁଷ ୨,୨୨,୫୭୮ ଜଣ ଓ ତୃତୀୟ ଲିଙ୍ଗୀ ୫ ଜଣ ମୋଟ୍ ଭୋଟର ୪,୬୨,୩୮୪ ଜଣ ଅଛନ୍ତି। ଏହି ପୁନଃ ନିରୀକ୍ଷଣ ପ୍ରକ୍ରିୟା ସମ୍ପାଦିତ ହୋଇଛି। ଏହି ପ୍ରକ୍ରିୟାରେ ପ୍ରାପ୍ତ ଦାବି ଓ ଆପତ୍ତିଗୁଡ଼ିକୁ ନିୟମାନୁସାରେ ଯାଞ୍ଚ କରି ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତ କରାଯାଇଛି। ଅପିଲ୍ ବ୍ୟବସ୍ଥା ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ଆଦେଶରେ କୌଣସି ବ୍ୟକ୍ତି ଅସନ୍ତୁଷ୍ଟ ହେଲେ, Representation of the People Act, ୧୯୫୦ର ଧାରା ୨୪ ଅନୁଯାୟୀ ୧୫ ଦିନ ମଧ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ପ୍ରଥମ ଅପିଲ୍ କରିପାରିବେ। ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଆଦେଶରେ ଅସନ୍ତୁଷ୍ଟ ହେଲେ, ୩୦ ଦିନ ମଧ୍ୟରେ Chief Electoral Officer ଙ୍କ ନିକଟରେ ଦ୍ୱିତୀୟ ଅପିଲ୍ କରିପାରିବେ। ଅପିଲ୍ ଦାଖଲ ହେବା ଦ୍ୱାରା ଚୂଡ଼ାନ୍ତ ଭୋଟର ତାଲିକାର ପ୍ରକାଶନ ସ୍ଥଗିତ ହେବନାହିଁ। ଏହି ସମଗ୍ର ପ୍ରକ୍ରିୟାରେ ସହଯୋଗ କରିଥିବା ସମସ୍ତ ରାଜନୈତିକ ଦଳ ଓ ସେମାନଙ୍କ ପ୍ରତିନିଧି, BLO, ସୁପରଭାଇଜର, ଅଧିକାରୀ, କର୍ମଚାରୀ ଏବଂ ସାଧାରଣ ଜନସାଧାରଣଙ୍କୁ ଜିଲ୍ଲାପାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ହାର୍ଦ୍ଦିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଲେ। ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟରେ ସମସ୍ତଙ୍କ ସହଯୋଗ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆଶା କରୁଛୁ।

ଶୁଣ୍ଡି ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ଠାରେ ବରଗଡ଼ ଶୁଣ୍ଡି ସମାଜର ନୂଆଁ ଖାଇ ଭେଟଘାଟ ଉତ୍ସବ ଉଦ୍ଧବ ଚରଣ ବେହେରାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଆରମ୍ଭରେ ସୁବର୍ଣ୍ଣଗ୍ରାହି ଓ ମା' ସମଲେଶ୍ୱରୀଙ୍କ ଠାରେ ପୂଜା ଅର୍ଚ୍ଚନା କରି ଉତ୍ସବ ଆରମ୍ଭ କରାଯାଇଥିଲା । ସଭାପତିଙ୍କ ସ୍ୱାଗତ ଭାଷଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ମହିଳା ସଭାପତି ଅନୁପମା ବେହେରା ଓ ଅଧ୍ୟାପିକା ବବିତା ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । କୁନି ଝିଅ ଅପର୍ଣ୍ଣା ବେହେରା, ସ୍ମୃତି ସୀକ୍ତା ବେହେରା, ସୌମ୍ୟା ବେହେରା, ରିୟାଂଶ ବେହେରା, ଆଦ୍ୟୁତ୍ ବେହେରା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଆରବ ବେହେରା ପିଆନୋ ବାଦନ କରିଥିଲେ । ସମାଜର ବରିଷ୍ଠ ସଦସ୍ୟ ଗଙ୍ଗାଧର ବେହେରା, ରବୀନ୍ଦ୍ର ସାହୁ, ଭଗବାନ ବେହେରା ଓ ଡ. ପାଣ୍ଡବ ବେହେରା ଯୁବ ପିଢ଼ିକୁ ସମାଜର ରୀତି, ନୀତି, ସଂସ୍କୃତି ଓ ପରମ୍ପରା ପାଳନ ସମ୍ପର୍କରେ ଅବଗତ କରାଇଥିଲେ । ପରେ ଛୋଟ ପିଲା ମାନଙ୍କ ଖେଳ ଓ ବିଭିନ୍ନ ବର୍ଗର ମହିଳାମାନଙ୍କ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଶୋକ ପରିଡ଼ା, ନୀଳମାଧବ ସାହୁ, ଶରତ ବେହେରା, ଅଶୋକ ବେହେରା, ନିରଞ୍ଜନ ବେହେରା, ସୁଧାଂଶୁ ବେହେରା, ଟୁକୁନା ସାହୁ, ସୁରଲି ବେହେରା, ପ୍ରକାଶ ବେହେରା, ରାଜୁ ଚୌଧୁରୀ, ଶିବ ବେହେରା, ସୁନୀତା ବେହେରା, ସୁଜାତା ବେହେରା, ଦିପ୍ତିଲତା ବେହେରା, ଚିଙ୍କି ବେହେରା, ପିଙ୍କି ବେହେରା, ରୋଜି ବେହେରା, ସଞ୍ଜୁ ବେହେରା, ମୀନାକ୍ଷୀ ପରିଡ଼ା, ସୀମା ବେହେରା, ଜ୍ୟୋତିର୍ମୟୀ ବେହେରା, ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସମ୍ପାଦିକା ରୀତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଭତ୍ତା ପାଇଁ ବୃଦ୍ଧବୃଦ୍ଧାଙ୍କ ହନ୍ତସନ୍ତ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ବ୍ଲକ ସଦର ମହକୁମା ମୁର୍ଷୁଣ୍ଡି ଗ୍ରାମ ପଞ୍ଚାୟତର ପିଇଓଙ୍କ ଅନୁପସ୍ଥିତି ଯୋଗୁ ଭତ୍ତା ନେବାକୁ ଆସିଥିବା ମୁର୍ଷୁଣ୍ଡି, ଟୁଟୁସିଙ୍ଗା, ସରଣ୍ଡା, ଲୁଣ୍ଡାବେଣୀ, ଡାଙ୍ଗପଡା, ତେତେଲେଙ୍ଗା, ଭାଲିଆପଦର ଓ ଗମ୍ଭାରୀପଦର ଗ୍ରାମରୁ ପ୍ରାୟ ୨ ଶହ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ବୌଦ୍ଧ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ଅନୁଯାୟୀ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟାଳୟକୁ ମନଇଚ୍ଛା ଆସିବା ସହିତ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ମାନଙ୍କ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ ପାଇଁ ମଧ୍ୟ ଆସୁନଥିବା କୁହାଯାଉଛି । ଫଳରେ ବିଭିନ୍ନ ଦୂରଦୁରାନ୍ତ ଗ୍ରାମରୁ ଅଟୋ ଭଡା ଦେଇ ହିତାଧିକାରୀ ମାନେ ଆସି ନିରାଶ ଓ ଖର୍ଚ୍ଚାନ୍ତ ହୋଇ ଫେରୁଥିବା ଦେଖିବାକୁ ମିଳିଛି । ତେଣୁ ହିତାଧିକାରୀ ମାନେ ବୌଦ୍ଧ ବ୍ଲକ ଅଫିସକୁ ଯାଇ ବିଡିଓଙ୍କୁ ଅଭିଯୋଗ କରିଛନ୍ତି । ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବଦଳରେ ଭତ୍ତା ପ୍ରଦାନ ପାଇଁ ଅନ୍ୟ ଅଧିକାରୀଙ୍କୁ ଦାୟିତ୍ୱ ଦେଇ ବିକଳ୍ପ ବ୍ୟବସ୍ଥା

শারদীয় ভবিষ্যৎ




ভবিষ্যদ্বক্তা ঞ্চিতজ

মার্চ-অক্টোবর মে মাস

(যে রাশিচক্রের ৭ নম্বরে বৃহস্পতি)

নক্ষত্রফল- ৭শ্যামগঞ্জ ৭৭৩৭, ৭৭৩৭

cnastrology@gmail.com



রবি- ৫৩৭৭ মাঘ, শ্রাবণ- ৫৫৩৭, মঙ্গল- ৭০৮ ৫, ইন্দ্রাণী- ৫২৩৭, কৃষ্ণপ্রতিপদ- ৪ ৫ ৭ ৭, গ্রী গ্রী চাতুর্ভ শিলাপাতে- ৫৭৩৫

ভাগ্যপতি ৭, ৭৩৫ ৭৭, শুভ্রবার

পুরন্দরপুর- ৫ ৯শা৩।২৩ ভেঙ্কিপুর- ৫৯শা৩।৭৯

গতকল্য রাত ৭০।৪৭ মঙ্গল, শুক্লা রাত ৭।৫৭ মঙ্গল। ভাগ্য ৭৭৩৫, শুভ, ধনী, কর্মদ, তপস্যা, ক্রিয়া, মঙ্গল, শুভ্র, ভাগ্য। **ভোগপতি-** বিদ্যা ৭।৪৭ মঙ্গল। ভাগ্য ৭৭৩৫ মঙ্গল। **ভোগপতি-** ধনিষ্ঠা, শুভ্র, ভাগ্য। **শ্রীঘ্র বিদ্ধ-** পুরন্দরপুর ও গ্রাম ভাগ্যে। **শ্রীঘ্র বিদ্ধ-** ৭শ্যামগঞ্জ, গঙ্গা ভাগ্য ৭০।৪০ মঙ্গল শুক্ল ৭৭৩৫ মঙ্গল। **শ্রাদ্ধ ধ্বাপন-** ৫মাস, গঙ্গা ভাগ্য ৭০।৪০ মঙ্গল শুক্ল ৭৭৩৫ মঙ্গল। **শ্রাদ্ধ ধ্বাপন-** পুরন্দরপুর,

ପକ୍ଷାତ୍ତରୀୟ
32 YEARS
ସମ୍ବାଦ କଳିକା

ୟୁପିଆଇ ଟ୍ରାଞ୍ଜାକସନ୍ ଫି'ପାଇଁ ନଗଦ ଯୁଗକୁ ଫେରିବାକୁ ହେବ

କେତେ ସୁବିଧା ହେଉଥିଲା ଟଙ୍କା ପଠାଇବା ଏବଂ ଗ୍ରହଣ କରିବାରେ। ଯିଏ ଯେଉଁଠି ଥାଅ ଗୋଟିଏ କ୍ଲିକରେ ପଇସା ଯାଇ ପାଖରେ ପହଞ୍ଚି ଯାଉଥିଲା। ମାର୍କେଟିଂ ହେଉ ସପିଂ ହେଉ କି ସ୍କୁଲ କଲେଜ ଫି, ବ୍ୟାଙ୍କ କାରବାର, ଭଲମନ୍ଦ, ମେଡିକାଲ ଖର୍ଚ୍ଚ ସବୁକିଛି ପାଇଁ କେଇ ସେକେଣ୍ଡରେ ପାଖରେ ପଇସା ପହଞ୍ଚି ଯାଉଥିଲା କିମ୍ବା ପଠାଯାଇ ପାରୁଥିଲା। ଲୋକ ବ୍ୟାଙ୍କ ଯିବା ଭୁଲିଯାଇଥିଲେ। ଏଟିଏମ୍ ଆଗରେ ଲମ୍ବା ଧାଡି ଆଉ ଦେଖାଯାଉନଥିଲା। ହଠାତ୍ ଖବର ଆସିଲା ୟୁପିଆଇ ଟ୍ରାଞ୍ଜାକ୍ସନ ଉପରେ ଫି' ବ୍ୟବସ୍ଥା ଲାଗୁକରାଯିବ। ସମସ୍ତଙ୍କ ମୁଣ୍ଡରେ ଯେମିତି ଚଡକ ପଡିଲା। ବିଶେଷ କରି ବ୍ୟବସାୟୀଙ୍କ ଉପରେ। ୟୁପିଆଇ ଟ୍ରାଞ୍ଜାକ୍ସନ ଉପରେ 'ଶୂନ' ଫି' ବ୍ୟବସ୍ଥାକୁ ଆଉ କିଛି ବର୍ଷ ଜାରି ରଖାଯିବା ଉଚିତ । ଏହା ଉପରେ ସାମାନ୍ୟ ଚାର୍ଜ ଲାଗିଲେ ୟୁଜର ପୁଣି ନଗଦ ଯୁଗକୁ ଫେରିଯିବେ ବୋଲି ଚେତାବନୀ ଦେଇଛନ୍ତି ନୀତି ଆୟୋଗର ପୂର୍ବତନ ଅଧ୍ୟକ୍ଷ ରାଜୀବ କୁମାର । କୁମାର କହିଛନ୍ତି ଯେ, ସରକାର କୌଣସି ମୂଲ୍ୟାଙ୍କ ୟୁପିଆଇ ଟ୍ରାଞ୍ଜାକ୍ସନ ପାଇଁ ବ୍ୟବସାୟୀଙ୍କ ଉପରେ ଫି' ଲଗାଇବା ଉଚିତ ନୁହେଁ । ତାଙ୍କ ଅନୁସାରେ, ୟୁପିଆଇକୁ ଏକ ପବ୍ଲିକ୍ ଗୁଡ୍ ବା ଜନହିତ ସେବା ଭାବେ ଦେଖିବା ଦରକାର । କାରଣ ଏହାର ଫାଇଦା ଏହାର ଭିତ୍ତିଭୂମିକୁ ବଜାୟ ରଖିବାର ଖର୍ଚ୍ଚଠାରୁ ଅନେକ ମାତ୍ରାରେ ଅଧିକ। ରାଜୀବ କୁମାର କହିଲେ, ୟୁପିଆଇ ଭିତ୍ତିଭୂମି ଜାରି ରଖିବା ପାଇଁ ସରକାରୀ ରାଜକୋଷ ଉପରେ ଯେଉଁ ୨୦,୦୦୦ କୋଟି ଟଙ୍କାର ବୋଝ ପଡ଼ିଥାଏ, ଏହା ତୁଳନାରେ ଏହି ସେବାର ଫାଇଦା ଅଧିକ । ସେ ଆହୁରି କହିଲେ ଯେ, ମାଗଣା ୟୁପିଆଇ ସେବାକୁ ଆଉ କିଛି ବର୍ଷ ଜାରି ରଖିବା ଉଚିତ । କରେନ୍ସି:ଜିଡିପି ଅନୁପାତରେ ହ୍ରାସ ନ ଦେଖିବା ଯାଏ ଏହା କରିବା ଉଚିତ ନୁହେଁ । କୁମାର ଆହୁରି କହିଛନ୍ତି ଯେ, ପରିମାଣ ହିସାବରେ ୯୬% ୟୁପିଆଇ ଟ୍ରାଞ୍ଜାକ୍ସନ ୨୦୦୦ ଟଙ୍କାରୁ କମ୍ ହୋଇଥାଏ। ଅନ୍ୟପକ୍ଷରେ, ମୂଲ୍ୟ ହିସାବରେ ପାଖାପାଖି ୬୬% ଟ୍ରାଞ୍ଜାକ୍ସନ ଏ ସ୍ତର ଉପରେ ରହିଥାଏ । ସରକାରଙ୍କ ନିଷ୍ପତ୍ତି ଦ୍ୱାରା ଲୋକେ ପୁଣି ନଗଦ କାରବାରକୁ ଫେରିବେ । ସୂଚନା ଅନୁସାରେ, ସରକାର ଅକ୍ଟୋବର ୧୫ରୁ ୨୦୦୦ ଟଙ୍କାରୁ ଅଧିକ ପର୍ସନ-ଟୁ-ମର୍ଚ୍ଚାଣ୍ଟ ୟୁପିଆଇ କାରବାର ଉପରେ ୦.୪% ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍(ଏମଡିଆର) ଲାଗୁ କରିବାକୁ ଘୋଷଣା କରିଛନ୍ତି। ୭୫,୦୦୦ ଟଙ୍କା କିମ୍ବା ଅଧିକ ମୂଲ୍ୟର ଟ୍ରାଞ୍ଜାକ୍ସନ କ୍ଷେତ୍ରରେ ଏହାର ସର୍ବୋଚ୍ଚ ସୀମା ୩୦୦ ଟଙ୍କା ରହିବ ।



(ନିରପେକ୍ଷ ଶାସନ ପଦ୍ଧତି)
ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ
ଠାକୁର ସମସ୍ତଙ୍କ କଥା ଶୁଣନ୍ତି ଓ ବୁଝନ୍ତି
ଶକ୍ତି ଓ ଭକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ଗୋଟିଏ ସରଳ ରେଖା ଶକ୍ତି ଓ ଭକ୍ତି । କିନ୍ତୁ ଦ୍ରୌପଦୀ ଶକ୍ତିର ସଞ୍ଚାର କରିଥିଲା ତାର କଣ ହେଲା କଣ ସେ ତାର ନିଜ ଶକ୍ତି ଦ୍ୱାରା ବିଜୟ ହାସଲ କରିପାରିଲା ନା ସେ ସେହିଠାରେ ହାରମାନି ପୂର୍ଣ୍ଣ ସମର୍ପଣ ହୋଇ ଦୁଇ ହାତକୁ ଉପରକୁ ଟେକି ଦେଲେ । ମିଳିଗଲା ସବୁ କିଛି ଯୁଗ ଯୁଗ ପାଇଁ ମିଳିଗଲା। ଏହାର ତାତ୍ପର୍ଯ୍ୟ ଶକ୍ତି ଯେଉଁଠି ପରାଜୟ ହୁଏ ଭକ୍ତିର ସେଇଠି ବିଜୟପ୍ରାପ୍ତ ହୁଏ । ତେଣୁ ହେ ଭକ୍ତ ଅଂହକାର ମୁକ୍ତ ହୁଅ । ତୁମେ ସିନା ଦୁବ ହେଲେ ଦାରୁର ଦର୍ଶନ ପାଇବ । ଆଉ ନିଜକୁ ନିଜେ ଯଦି ଦୁମ ଭଳି ବ୍ୟବହାର କରିବ ହାତୀର ବା କଣ ହେବ । ଶୁଣ ଟେକି ସେ ଜାଳସବୁ ଭାଙ୍ଗି ଖାଇଯିବ । ତେଣୁ ହେ ମାନବ, ହେ ଭକ୍ତ ହେ ଶିଷ୍ୟ ବେଦ, ପୁରାଣ, ଗୀତା ଏସବୁ ମିଥ୍ୟାନୁହେଁ । ଏହାହିଁ ସତ୍ୟ, ଯୁଗ ଯୁଗ ଧରି ଯେଉଁ ନିର୍ଯ୍ୟାସ ସାଧୁ ସନ୍ଥମାନେ ତୁମ ପାଇଁ ଥୋଇ ଦେଇ ଯାଇଛନ୍ତି । ସେହିଁ ଅମୃତର ସନ୍ତାନ ମାନେ ଅମୃତକୁ ଆଧାର କର । ସମୟକୁ ନଷ୍ଟ ନକରି ଭକ୍ତି ପ୍ରେମ ମାର୍ଗରେ ନିଜକୁ ସଜାଇ ଦେଖିବ କେତେ ଆନନ୍ଦ ତୁମେ ତୁମରି ଭିତରୁ ପାଉଛ କେବଳ ତୁମେ ହିଁ ଅନୁଭବ କରିପାରିବ । ହରିଓଁ ।



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ମହାନାୟକ ମାଓସେତୁଙ୍ଗ ଓ ଶ୍ରୀଜଗନ୍ନାଥ ସଂସ୍କୃତି

ଓଡ଼ିଶାର ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ଯେଉଁମାନେ ନରହତ୍ୟା, ଲୁଣ୍ଠନ, ଅପହରଣ ଓ ଲୋକମାନଙ୍କୁ ଭୟଭୀତ କରିବାସହ ଅରାଜକତା ସୃଷ୍ଟି କରିଚାଲିଛନ୍ତି ସେମାନଙ୍କୁ ମାଓବାଦୀ କହି ସାଧାରଣରେ ପରିଚିତ କରାଯାଉଛି। ଅଗମ୍ୟବଣ ପାହାଡ଼ ଅଞ୍ଚଳରେ ଯେଉଁମାନେ ଏହିସବୁ କାର୍ଯ୍ୟ କରୁଛନ୍ତି ସେମାନେ ମାଓ କିଏ ଓ ବାଦର ଅର୍ଥ କ'ଣ ତାହା ଜାଣିନଥିଲେ ମଧ୍ୟ ନିଜକୁ ବି ମାଓବାଦୀ କହୁଛନ୍ତି। ଯେଉଁମାନେ ସେପରି ପ୍ରଚାର କରିଆସୁଛନ୍ତି ସେମାନେ ମାଓଙ୍କ ସମ୍ପର୍କରେ ସାମାନ୍ୟତମ କଥା ଜାଣିଛନ୍ତି କି ? ମାଓ କିଏ ଓ ସେ କେଉଁଠାର ନାଗରିକ ତାହା ମଧ୍ୟ ସେମାନେ କହିପାରିବେ ନାହିଁ। ଓଡ଼ିଶାରେ ରହି ତାଙ୍କ ବିଷୟରେ ଲେଖିବା ମୋର ଧୃଷ୍ଟତା ହୋଇପାରେ ତଥାପି ଯେଉଁ କେତୋଟି କଥା ସେ ସମ୍ପର୍କରେ ଜାଣିଛି ତାହାକୁ ଏଠାରେ ଉପସ୍ଥାପନ କରୁଛି।

ଓଡ଼ିଶାର ସ୍ୱନାମଧନ୍ୟ ସଂସ୍କୃତ ଓ ପାଲି ଭାଷାର ଅଧ୍ୟାପକ ସ୍ୱର୍ଗତ ଡ. ପ୍ରହ୍ଲାଦ ପ୍ରଧାନଙ୍କୁ ସମ୍ଭବତଃ ଓଡ଼ିଶାର ଲୋକେ ଭୁଲି ଆସିଲେଣି । ତାଙ୍କ ସମ୍ପର୍କରେ ସାଧାରଣ ଲୋକେ ଜାଣିବାକୁ ସେ ଚାହୁଁ ନଥିଲେ। ଷାଠିଏ ଦଶକର କଥା। ବଙ୍ଗଳାର ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ପ୍ରତିଷ୍ଠିତ ଶାନ୍ତି ନିକେତନରେ ସେ ସଂସ୍କୃତ ଓ ପାଲି ଭାଷାର ଅଧ୍ୟାପନା କରୁଥିବାବେଳେ ଚୀନ୍‌ର ସାଂହାଇ ବିଶ୍ୱବିଦ୍ୟାଳୟରେ କେତେବର୍ଷ ନିମନ୍ତେ ତାଙ୍କୁ ସେହି ବିଷୟରେ ଚୁକ୍ତିଭିତ୍ତିକି ନିଯୁକ୍ତି ମିଳିଥିଲା। ସାଙ୍ଗରେ ତାଙ୍କର ପରିବାର ଯାଇନଥିଲେ। ପ୍ରଥମେ ବିଶ୍ୱବିଦ୍ୟାଳୟର ଛାତ୍ରାବାସରେ ମିଳିଥିବା ଏକ କୋଠରିରେ ସେ ରହୁଥିଲେ। ପ୍ରତ୍ୟହ ରାତ୍ରୀର ବହୁ ସମୟ ପର୍ଯ୍ୟନ୍ତ ଉଜାଗର ରହି ପରଦିନର କ୍ଲାସ ପାଇଁ ତାଙ୍କୁ ପ୍ରସ୍ତୁତ ହେବାକୁ ପଡୁଥିଲା। ତେଣୁ ଏହା ପ୍ରାୟ ତାଙ୍କର ପ୍ରତିଦିନର ଅଭ୍ୟାସରେ ପଡ଼ିଯାଇଥିଲା। ଦିନେ ଶୀତ ରାତ୍ରିର ପ୍ରାୟ ୧୨ଟା ପର ସମୟରେ ହଠାତ୍ ଜଣେ ହୃଷ୍ଟପୁଷ୍ଟ ବ୍ୟକ୍ତି କାନ୍ଧରେ ବନ୍ଧୁକ ଓହଳାଇ ଖୋଲାଥିବା ତାଙ୍କ ପ୍ରକୋଷ୍ଠ ମଧ୍ୟରେ ପ୍ରବେଶ କରି ପଛପଟୁ କବାଟ ବନ୍ଦ କରିଦେଲେ। ଏପରି ଜଣେ ଶସ୍ତ୍ରଧାରୀ ବ୍ୟକ୍ତିଙ୍କର ହଠାତ୍ ଆବିର୍ଭାବକୁ ସେ କେବଳ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ। ତାଙ୍କ ପାଟିରୁ କଥା ବାହାରିଲା ନାହିଁ। ଆଗନ୍ତୁକ ଅତିଥି ଜଣକ ଶୀତରେ ଥରି ଯାଉଥିଲେ ବି ହାତଯୋଡ଼ି ଏକ କପ୍ ଗରମ ଚା' ଦେବାପାଇଁ ତାଙ୍କୁ ଅନୁରୋଧ କରିଥିଲେ। ଏପରି ଶୁଣି ଡ. ପ୍ରଧାନ ତୁରନ୍ତ ଚା' କରି କପ୍‌ଟି ତାଙ୍କ ହାତରେ ଧରାଇଦେଲେ। ଡ. ପ୍ରଧାନ କେଉଁ ଦେଶରୁ ଆସିଛନ୍ତି ଓ ବିଶ୍ୱବିଦ୍ୟାଳୟରେ କେଉଁ ବିଷୟରେ ଶିକ୍ଷାଦାନ କରୁଛନ୍ତି ଇତ୍ୟାଦି କେତେକ ମାମୁଲି କଥା ସେହି ସ୍ୱଳ୍ପ ରହଣି ସମୟ ମଧ୍ୟରେ ତାଙ୍କଠାରୁ ପଚାରି ବୁଝିଥିଲେ। ଚା' ପିଇସାରିବା ପରେ କପ୍‌ଟି ଟେବୁଲ ଉପରେ ଥୋଇ ସେ ଝଡ଼ ଭଳି ପୁଣି ସେହି ଅନ୍ଧାରରେ ଚାଲିଗଲେ। ଏହି ଘଟଣାର ପ୍ରାୟ କିଛି ମାସ ପରେ ଦିନେ ସେଠାର ଖବର କାଗଜମାନଙ୍କରେ ସେହି ବ୍ୟକ୍ତିଙ୍କର ଫଟୋମାନ ପ୍ରକାଶ ପାଇଲା। ଡ. ପ୍ରଧାନ ଫଟୋକୁ ବହୁ ନିରିକ୍ଷଣ କରି ଜାଣିବାକୁ ପାଇଲେ ଯେ ସେହି ରାତିରେ ତାଙ୍କ ଛାତ୍ରାବାସ କୋଠରିକୁ ଆସି ଚା' ପିଇ ଯାଇଥିବା ବ୍ୟକ୍ତିଙ୍କର ଯିଏ କି ଥିଲେ ଚୀନ୍ କମ୍ୟୁନିଷ୍ଟ ଆନ୍ଦୋଳନର ମୁଖ୍ୟ ପୁରୋଧା ମାଓସେତୁଙ୍ଗ। ଏଥିରେ ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା। ଏତେ ବଡ଼ ନେତୃ ସ୍ଥାନୀୟ ତୁଙ୍ଗ ନେତାଙ୍କର ସେ ଦିନର ନୀରିହ ସରଳ ବ୍ୟବହାର ସମ୍ପର୍କରେ କିଛିଟା ସେ ଜାଣିପାରିଲେ। ସେ ତାଙ୍କ ସାଥି ଅଧ୍ୟାପକମାନଙ୍କୁ ବି ଏହି କଥା ଜଣାଇଥିଲେ। ସେତେବେଳେ ସମଗ୍ର ଚୀନ୍ ଚ୍ୟାଙ୍ଗ କାଇସେକ୍‌ଙ୍କ ସାମ୍ରାଜ୍ୟବାଦୀ ଦଳଙ୍କ ଦ୍ୱାରା ଶାସିତ ହେଉଥିଲା। ସେହି ଶାସନରେ ଅତିଷ୍ଠ ହୋଇ କମ୍ୟୁନିଷ୍ଟ ସମର୍ଥକମାନେ ତାହାର କଠୋର ବିରୋଧ କରୁଥିଲେ। ଆଉ ବିଦ୍ରୋହର ନେତୃତ୍ୱ ନେଇଥିଲେ ମାଓସେତୁଙ୍ଗ ଓ ଚାଓଏନ ଲାଇ ପ୍ରମୁଖ ତତ୍କାଳୀନ ଚୀନ୍‌ର ନେତୃବର୍ଗ। ମାଓସେତୁଙ୍ଗ ଦଳର ସଭାପତି ଥିବାବେଳେ ଚାଓ ଏନ ଲାଇ ଥିଲେ ସମ୍ପାଦକ। ଶାସନ କ୍ଷମତାକୁ ଆସିବା ପରେ ଚାଓ. ଏନ୍. ଲାଇ ହେଲେ ଚୀନ୍‌ର ପ୍ରଧାନମନ୍ତ୍ରୀ।

ଦଳ କ୍ଷମତାକୁ ଆସିବାପରେ ମାଓ ସେତୁଙ୍ଗ୍ ଡ. ପ୍ରଧାନଙ୍କୁ ତାଙ୍କ ସହିତ ସାକ୍ଷାତ ପାଇଁ ବିଶ୍ୱବିଦ୍ୟାଳୟରୁ ଡକାଇଲେ। ଏପରି ଡାକରା ପାଇ ଡ. ପ୍ରଧାନ ବି ସାକ୍ଷାତ ପାଇଁ ପହଞ୍ଚିଲେ। ମାଓ ସେତୁଙ୍ଗ ତାଙ୍କୁ ଆଦରରେ ନିଜ ରହିବା କୋଠରି ଭିତରକୁ ନେଇ ବିଭିନ୍ନ ବିଷୟ ସହିତ ଭାରତର କେଉଁ ଅଞ୍ଚଳରୁ ଆସିଛନ୍ତି ବୋଲି ପଚାରି ବୁଝିଥିଲେ। କଥା ପ୍ରସଙ୍ଗରେ ମାଓ ସେତୁଙ୍ଗ ପଚାରିଥିଲେ ଯେ ଭାରତରେ ବିପ୍ଳବ ଦ୍ୱାରା ସାମ୍ୟବାଦ ପ୍ରତିଷ୍ଠା ହେବା ସମ୍ଭବ ନୁହେଁ। ତାଙ୍କର ଧାରଣା ଥିଲା ଯେ ଭାରତର ଲୋକେ ରାଜାମାନଙ୍କ ଦ୍ୱାରା ଶାସିତ ହୋଇଆସିଛନ୍ତି। ଭୂତ, ପ୍ରେତ ଓ ଅନ୍ଧବିଶ୍ୱାସ ପ୍ରତି ଲୋକମାନଙ୍କର ରହିଛି ଦୁର୍ବଳତା। ତାହା ପୁଣି ସାପ ସହିତ ଜଙ୍ଗଲୀ ହିଂସ୍ର ଜନ୍ତୁମାନଙ୍କର ଦେଶ। ଡ. ପ୍ରଧାନ ବିନମ୍ର ଭାବରେ ତାଙ୍କ ଜନ୍ମିତ ରାଜ୍ୟ ଭାରତର ଓଡ଼ିଶା ବିଷୟରେ ଜଣାଇବା ସହ ସାମ୍ୟବାଦର ଚିନ୍ତାଧାରା ଓଡ଼ିଆମାନଙ୍କର କୁଳଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ କାହିଁ କେଉଁ କାଳରୁ ପ୍ରଚଳିତ ହୋଇଆସୁଛି ବୋଲି କହିଥିଲେ। ସେଠାରେ ଜାତି ଭେଦ, ଉଚ୍ଚ, ନୀଚ, ରାଜା ଓ ପ୍ରଜାର ଭାବନା ଲୋକମାନଙ୍କ ମଧ୍ୟରେ ନାହିଁ। ମାଓ ସେତୁଙ୍ଗ୍ ଏପରି ଶୁଣି ଖୁବ୍ ଖୁସି ହେବା ସହିତ ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ ବହୁ କଥା ତାଙ୍କଠାରୁ ଜାଣିବାକୁ ପାଇଲେ। ମାଓସେତୁଙ୍ଗ ପାଇଁ ତାହାଥିଲା ଏକ ନୂଆ କଥା। ସାଥିରେ ନେଇଥିବା ଶ୍ରୀଜଗନ୍ନାଥଙ୍କର ଫଟୋଚିତ୍ର ମଧ୍ୟ ତାଙ୍କୁ ସେ ଦେଇଥିଲେ। ଯଦି କେବେ ଭାରତ ଯିବାକୁ ସୁବିଧା ମିଳେ ସେ ନିଶ୍ଚିତ ଓଡ଼ିଶାକୁ ଯିବେ ବୋଲି ତାଙ୍କୁ କହିଥିଲେ। ଏହି ପ୍ରଥମ ସାକ୍ଷାତ ପରେ ଆଉ କେତେଥର ସେ ମାଓସେତୁଙ୍ଗଙ୍କ ପାଖକୁ ନିମନ୍ତ୍ରିତ ହୋଇଯାଇଛନ୍ତି। ସେ ଫେରିବାବେଳେ ତାଳପତ୍ର ଓ ଭୋଜପତ୍ରରେ ଲେଖା ବହୁ ଉପାଦେୟ ଗ୍ରନ୍ଥ ସାଙ୍ଗରେ ଆଣିଥିଲେ। ସେ ସବୁ ନିଜ ଘରେ ଥିବା କେତେଗୁଡ଼ିଏ ବଡ଼ କାଠ ଆଲମାରିରେ ରଖିଥିବାର ଲେଖକ ଦେଖିଛି। ବିଗତ ଚୀନ୍ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ତାଙ୍କ ସମ୍ପର୍କରେ କିଛିଟା ସୂଚନା ତାଙ୍କୁ ସୂଚାଇ ଦେବାକୁ କେନ୍ଦ୍ର ସଂସ୍କୃତି ବିଭାଗକୁ ବି ଜଣାଇଥିଲି। ତାହା ସମ୍ଭବତଃ ହୋଇପାରିଲା ନାହିଁ। କାରଣ ସେ ଥିଲେ ବିଗତ ଶତାବ୍ଦୀର ଲୋକ ଓ ପୁଣି ଜଣେ ଓଡ଼ିଆ। ତେବେ କିଛିଟା ଝଲକ ତାଙ୍କ ସମ୍ପର୍କରେ ଦେବାରେ ଅସୁବିଧା କଣ ଅଛି ? ଓଡ଼ିଶାରେ ବି ତାଙ୍କ ସମ୍ମାନ ପ୍ରତି କିଛି ହୋଇନାହିଁ। ବହୁ ଅନାମଧେୟ କୁସୁମିତ ହୋଇ ଆଜି ସମାଜରେ ବେଶ୍ ପ୍ରତିଷ୍ଠିତ ହୋଇପାରିଛନ୍ତି। ସେତେବେଳେ ମାଓସେତୁଙ୍ଗ ଜଣେ ଉଗ୍ରବାଦୀ ନେତା ବୋଲି ଯାହା ପ୍ରଚାରିତ ହେଉଥିଲା ତାହା ସେ ଆଦୌ ନଥିବାର ଡ. ପ୍ରଧାନ କହୁଥିଲେ। ତାଙ୍କ ମତରେ ସେ ଥିଲେ ଶାନ୍ତ ଓ ସରଳ। ସଙ୍ଗଠନ ଗଢ଼ି ତାହାର ନେତୃତ୍ୱ ନେବାର ଦକ୍ଷତା ତାଙ୍କର ଥିଲା। ଏପରି ଗୁଣ ଯୋଗୁ ସେ ଦେଶର ପ୍ରତ୍ୟେକଙ୍କର ପ୍ରିୟଭାଜନ ହୋଇପାରିଥିଲେ। ମାଓସେତୁଙ୍ଗଙ୍କ ସହ ପରିଚିତ ହେବାପରେ ଚୀନ୍‌ର ଅନ୍ୟ କମ୍ୟୁନିଷ୍ଟ ନେତୃବର୍ଗମାନଙ୍କ ସମ୍ପର୍କରେ ସେ ଆସିଥିଲେ। ସେହିସବୁ ନେତୃବର୍ଗମାନଙ୍କଠାରୁ ତାଙ୍କୁ ବି ଯଥେଷ୍ଟ ସମ୍ମାନ ମିଳୁଥିଲା। ମାଓସେତୁଙ୍ଗ ପ୍ରଥମରୁ ଗରିବ ତଥା ଅନପଢ଼ ବ୍ୟକ୍ତି ଥିଲେ। କିନ୍ତୁ ନିଜର ଅସାଧାରଣ ପ୍ରତିଭା ବଳରେ ସେ ସମସ୍ତ ବୌଦ୍ଧ ଶାସ୍ତ୍ରମାନଙ୍କରେ ବେଶ୍ ପାଣ୍ଡିତ୍ୟ ଅର୍ଜନ କରିପାରିଥିଲେ। ଡ. ପ୍ରଧାନଙ୍କଠାରୁ ମଧ୍ୟ ହିନ୍ଦୁ ଓ ବୌଦ୍ଧ ଶାସ୍ତ୍ରମାନଙ୍କ ଉପରେ ବହୁ ଉପାଦେୟ କଥାମାନ ସେ ପଚାରି ବୁଝୁଥିଲେ। ତାଙ୍କୁ ସେତେବେଳେ ମାତ୍ର ଦୁଇହଜାର ଭାରତୀୟ ଟଙ୍କା ଦରମା ମିଳୁଥିଲା। ସେତେବେଳର ଜଣେ ଅଧ୍ୟାପକ ଭାବରେ ଏପରି ଅର୍ଥ ଥିଲା ତାଙ୍କ ପାଇଁ ଯଥେଷ୍ଟ। ସେଥିରୁ ମାତ୍ର ପଚାଶ ଟଙ୍କା ଭାରତରେ ଥିବା ପରିବାରଙ୍କ ପାଇଁ ପଠାଇବାକୁ ତାଙ୍କୁ ଅନୁମତି ମିଳିଥିଲା। ତେବେ ବଳକା ଅର୍ଥକୁ ତାଙ୍କୁ ସେହିଠାରେ ହିଁ ଖର୍ଚ୍ଚ କରିବାକୁ ପଡୁଥିଲା। ଖର୍ଚ୍ଚ ଯେଉଁ ପ୍ରକାରରେ ହେଉ ତାହା କେବଳ ସେହି ଦେଶରେ ହିଁ କରିବାକୁ ପଡୁଥିଲା ବୋଲି ସେ କହୁଥିଲେ। ଭାରତ ଫେରିଆସିବା ପାଇଁ ସେ ବହୁ ଉଦ୍ୟମ କରିଥିଲେ ମଧ୍ୟ ସେଠାର ନେତୃବର୍ଗ ତାଙ୍କୁ ଛାଡ଼ିବା ପାଇଁ ଆଦୌ ଚାହୁଁନଥିଲେ। ଶେଷରେ ସେତେବେଳର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ତାଙ୍କୁ ଫେରାଇ ଆଣିବା ନିମନ୍ତେ ଚୀନ୍ ପ୍ରଧାନମନ୍ତ୍ରୀ ଚାଓ ଏନ ଲାଇଙ୍କୁ ଅନୁରୋଧ କରିବା ପରେ ସେ ତାଙ୍କୁ ଭାରତକୁ ଫେରିବା ନିମନ୍ତେ ରାଜି ହୋଇଥିଲେ। ଡ. ପ୍ରଧାନ କହୁଥିଲେ ଯେ କେବଳ ପଣ୍ଡିତ ନେହେରୁଙ୍କ ଯୋଗୁଁ ହିଁ ତାଙ୍କର ଭାରତ ଫେରିବା ସମ୍ଭବ ହୋଇପାରିଥିଲା। ନଚେତ୍ ଚୀନ୍‌ର ଜଣେ ନାଗରିକ ହୋଇ ସେ ରହିଯାଇଥାନ୍ତେ।

ଜନମାନସରେ ବିପ୍ଳବର ଚିନ୍ତା ସୃଷ୍ଟି କରିବା ସହଜ କଥା ନୁହେଁ। ଯେଉଁମାନେ ସେପରି କରିଥାନ୍ତି ସେମାନଙ୍କ ପ୍ରତି ବିଭୂ ଆଶୀର୍ବାଦ ନିଶ୍ଚିତ ରହିଥାଏ। ଅନ୍ଧ ଧୃଷ୍ଟରାଷ୍ଟ୍ରର ଶାସନ ଥିଲା କୂରତାର ପ୍ରତୀକ। ହସ୍ତୀନାର ପ୍ରକୃତ ଶାସନ ଥିଲା ତାଙ୍କର ପୁତ୍ର ଓ ଅନୁଚରମାନଙ୍କ ହାତରେ ଓ ରାଷ୍ଟ୍ରର ସେ ଥିଲେ ନାମକୁ ମାତ୍ର ଶାସକ। ପୁତ୍ର ଓ ଅନୁଚରମାନେ ଯେଉଁ ପ୍ରକାରର ପ୍ରଜାପୀଡ଼ନ କାର୍ଯ୍ୟ କରିଯାଉଥିଲେ ସେ କେବଳ ଥିଲେ ସେହି ସବୁର ନୀରବ ଦ୍ରଷ୍ଟା ତଥା ଅନ୍ଧ ଶାସକ। ଯେତେବେଳେ ଅତ୍ୟାଚାରିତ ପ୍ରଜାକୂଳଙ୍କ ମନରେ ଆସିଲା ସେହି ଶାସନ ପ୍ରତି ପ୍ରତିରୋଧର ଭାବନା ସେତେବେଳେ ତାହାର ବିକଳ୍ପ ନେତୃତ୍ୱ ନେଇଥିଲେ ପାଣ୍ଡବକୂଳ। ଆଉ ସେମାନଙ୍କ ପଛରେ ଥିଲା ମହାଭାରତର ମହାନାୟକ ଭଗବାନ ଶ୍ରୀକୃଷ୍ଣଙ୍କର ଆଶୀର୍ବାଦ। ଶେଷରେ ସତ୍ୟ, ନ୍ୟାୟ ଓ ଧର୍ମର ଜୟ ହେଲା। ମହାଭାରତ ଯୁଦ୍ଧରେ ମହାବିନାଶ ହେବାସହ ଶାସନରୁ ଅପସରି ଯାଇଥିଲେ ଅନ୍ଧ ଧୃତରାଷ୍ଟ୍ରଙ୍କ ସହ ସମସ୍ତ କୌରବକୂଳ। ପୁରାଣ ଓ ଇତିହାସର ଏପରି ଦୃଷ୍ଟାନ୍ତମାନ ଥିଲେ ମଧ୍ୟ ବର୍ତ୍ତମାନର ମାଓବାଦ ନାମରେ ଯେଉଁମାନେ ବିଭତ୍ସଲୀଳାମାନ ସୃଷ୍ଟି କରିଚାଲିଛନ୍ତି ତାହା କେତେଦୂର ଠିକ୍ ସେ ସବୁର ବିଚାର ସେହିମାନେ ହିଁ କରନ୍ତୁ। ଦୁର୍ଗମ ଅରଣ୍ୟ ମଧ୍ୟରେ ପ୍ରଜାକୋର୍ଟ ନାମରେ ନିଜର ସମର୍ଥିତ କେତେଜଣଙ୍କ ଉପସ୍ଥିତିରେ ବିନା ବିଚାରରେ ଯେଉଁଭଳି ବିଭତ୍ସ ମୃତ୍ୟୁର ତାଣ୍ଡବ ଲୀଳା ସେମାନେ କରିଚାଲିଛନ୍ତି ତାହା କେତେଦୂର ନ୍ୟାୟଯୁକ୍ତ ସେମାନେ ନିଜ ବିବେକକୁ ପଚାରନ୍ତୁ। ସେମାନଙ୍କର ସେହିସବୁ କାର୍ଯ୍ୟକୁ ସମର୍ଥନ ଜଣାଇବାକୁ ବି ବହୁ ତଥାକଥିତ ସାମ୍ୟବାଦୀ ନେତାମାନେ ପ୍ରଚ୍ଛନ୍ନ ସହଯୋଗ କରିଥାନ୍ତି। ପଡ଼ୋଶୀ ରାଜ୍ୟର କେତେଜଣ ଉଚ୍ଚଶିକ୍ଷିତ ଅଧ୍ୟାପକ ତଥା ବୁଦ୍ଧିଜିବୀମାନେ ସେମାନଙ୍କର କାର୍ଯ୍ୟକଳାପକୁ ସମର୍ଥନ ମଧ୍ୟ କରିଆସୁଛନ୍ତି। ସେମାନେ ଏହିସବୁକୁ ସମର୍ଥନ ଦେଇ କେତେଦୂର ଜୟଯୁକ୍ତ ହୋଇପାରିବେ ତାହା ଭବିଷ୍ୟତ ହିଁ କହିବ। ଯଦି ସେପରି ଆଗେଇ ଯାଉଛନ୍ତି ତେବେ ପ୍ରଥମେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରନ୍ତୁ। ବିଭିନ୍ନ ସରକାରୀ କର୍ଯ୍ୟକ୍ରମ ମାଧ୍ୟମରେ ଲୋକ ମଙ୍ଗଳ ନିମନ୍ତେ ଉଦ୍ୟମ ହେବା ସହିତ ଶିକ୍ଷାର ବିସ୍ତାର ମଧ୍ୟ ହେବା ସର୍ବାଦୌ କର୍ତ୍ତବ୍ୟ। କେବଳ ପୋଲ ଭଙ୍ଗା, କଣ୍ଟାକୁରମାନଙ୍କ କାମ ପାଇଁ ଆସିଥିବା ସରଞ୍ଜାମ ପୋଡ଼ିବା, ପୋଲିସ ଇନଫରମର କହି ନିରିହ ଲୋକମାନଙ୍କୁ ହତ୍ୟା କରିବା ଇତ୍ୟାଦିରେ ମାଓବାଦ ସମ୍ପ୍ରସାରିତ ହୁଏନାହିଁ। ବିଭିନ୍ନ

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୩ ସେପ୍ଟେମ୍ବର ୨୦୨୬ ବୁଧବାର

ଆଭା

ଜୀବନ-ମନ୍ତ୍ର: ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

ଭାଦ୍ରବମାସ ଶୁକ୍ଳପକ୍ଷ ଏକାଦଶୀ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନାମରେ ପ୍ରସିଦ୍ଧ। ଏହା ହେଉଛି ଭଗବାନ ବିଷ୍ଣୁଙ୍କର ଚାରିମାସର ଶୟନକାଳର ମଧ୍ୟଭାଗ। ତାଙ୍କର ଚାରିମାସବ୍ୟାପୀ ଶୟନକାଳର ଆରମ୍ଭ ହୋଇଥାଏ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ। ଏହା ବାହୁଡ଼ାଯାତ୍ରାର ପରଦିନ। ଏଣୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ସେତେବେଳେ ରଥ ଉପରେ ଥିବାରୁ ଏହି ଶୟନନୀତି ରଥ ଉପରେ ଅନୁଷ୍ଠିତ ହୋଇଥାଏ। ଏହି ଶୟନନୀତି ପାଇଁ ଶ୍ରୀଜଗନ୍ନାଥ ମନ୍ଦିରରେ ତିନି ଶୟନ ଠାକୁର ରହିଛନ୍ତି। ଶ୍ରୀଜଗନ୍ନାଥଙ୍କର ଶୟନଠାକୁରଙ୍କର ନାଆଁ ଶ୍ରୀନାରାୟଣ, ଶ୍ରୀବଳଭଦ୍ରଙ୍କର ଶୟନଠାକୁରଙ୍କ ନାଆଁ ଶ୍ରୀବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କର ଶୟନଠାକୁରଙ୍କର ନାଆଁ ଶ୍ରୀଭୁବନେଶ୍ୱରୀ। ଉଲ୍ଲେଖନୀୟ ଯେ ଏହି ତିନି ନାମରେ ଅଣସର ସମୟରେ ଏହି ଠାକୁରମାନଙ୍କର ପଟିଦିଅଁ ମଧ୍ୟ ପୂଜିତ ହୋଇଥାଆନ୍ତି। ଆଷାଢ଼ ଶୁକ୍ଳ ଏକାଦଶୀର ଶୟନ-ନୀତିରେ ଏହି ତିନି ଶୟନଠାକୁରଙ୍କୁ ସେମାନଙ୍କ ସହ ସଂପୃକ୍ତ ଠାକୁରଙ୍କ ରଥକୁ ନିଆଯାଏ। ସେମାନଙ୍କୁ ସଂପୃକ୍ତ ମୂଳ ବିଗ୍ରହଙ୍କର ଅଙ୍ଗଲାଗି କରାଯିବା ସହିତ ଅନ୍ୟାନ୍ୟ ନୀତି ପରେ ରଥରୁ ଶ୍ରୀମନ୍ଦିରର ଭଣ୍ଡାର ଦ୍ୱାର ନିକଟକୁ ନିଆଯାଏ। ସେଠାରେ ପାରମ୍ପରିକ ରୀତି ଅନୁସାରେ ପଟ, ଶେଯ ଓ ମାଣ୍ଡି ପଡ଼ିଥିବା ଶୟନ-ପେଡ଼ିରେ ଶୟନ କରାଯାଏ। ଏହି ଶୟନଯାତ୍ରା ଦ୍ୱାଦଶଯାତ୍ରା ମଧ୍ୟରେ ଅନ୍ୟତମ। ଏହାର ଦୁଇ ମାସ ପରେ, ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ଅନୁଷ୍ଠିତ ହୁଏ ପାର୍ଶ୍ୱ ପରିବର୍ତ୍ତନ ଯାତ୍ରା। ଏହା ଶୟନ ଠାକୁରମାନଙ୍କର କଡ଼ ଲେଉଟାଇବାର ପର୍ବ। ଶୟନଠାକୁରମାନଙ୍କର ଶୟନ-ପେଡ଼ିର ମୁଦ ଖୋଲାଯାଇ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଏ ପ୍ରସଙ୍ଗରେ ବିଶେଷ ଉଲ୍ଲେଖନୀୟ ଯେ ଶୟନଯାତ୍ରା କାଳରେ ଶୟନ ଠାକୁରମାନେ ଦକ୍ଷିଣ ଦିଗକୁ ମୁହଁ




କରି ଶୋଇଥିବାବେଳେ, ପାର୍ଶ୍ୱ ପରିବର୍ତ୍ତନ ଯାତ୍ରାରେ ସେମାନେ ଉତ୍ତର ଦିଗକୁ ମୁହଁ କରି ଶୁଅନ୍ତି। ଭାଦ୍ରବ ଶୁକ୍ଳ ଏକାଦଶୀର ଏହି ଯାତ୍ରା ପରମ ପୁଣ୍ୟପ୍ରଦ ବୋଲି କଥିତ ଅଛି। କାରଣ, ଏହିଠାରୁ ଭଗବାନ ବିଷ୍ଣୁଙ୍କର କ୍ରମଜାଗରଣର ପର୍ବ ଆରମ୍ଭ ହୋଇଥାଏ। ଏହାର ଦୁଇମାସ ପରେ, କାର୍ତ୍ତିକ ଶୁକ୍ଳ ଏକାଦଶୀ ଦେବ ଉତ୍ଥାପନ ପର୍ବ ରୂପେ ପାଳିତ ହୁଏ। ଏହା ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାର ଏକ ନିଦର୍ଶନ।

'ହରି-ହର' ସମନ୍ୱୟର ପ୍ରତୀକ ତୁଳସୀ ଓ ରୁଦ୍ରାକ୍ଷ ମାଳା

ସନାତନ ଧର୍ମରେ ତୁଳସୀ ମାଳା ଓ ରୁଦ୍ରାକ୍ଷର ବିଶେଷ ଧାର୍ମିକ ମହତ୍ତ୍ୱ ରହିଛି। ତୁଳସୀ ମାଳାକୁ ଭଗବାନ ବିଷ୍ଣୁ ଓ ଶ୍ରୀକୃଷ୍ଣଙ୍କ ଭକ୍ତିର ପ୍ରତୀକ ଭାବେ ମନାଯାଏ। ସେହିପରି ରୁଦ୍ରାକ୍ଷକୁ ଭଗବାନ ଶିବଙ୍କ ସହ ଜଡ଼ିତ ବୋଲି ଧାର୍ମିକ ମାନ୍ୟତା ରହିଛି। ତେବେ ଦୁଇଟି ମାଳାର ଧାର୍ମିକ ସମ୍ପର୍କ ଅଲଗା ହୋଇଥିବାରୁ ଅନେକଙ୍କ ମନରେ ପ୍ରଶ୍ନ ଉଠେ ଯେ, ତୁଳସୀ ମାଳା ଓ ରୁଦ୍ରାକ୍ଷକୁ ଏକାଠି ଧାରଣ କରାଯାଇପାରିବ କି ନାହିଁ? କେତେକ ଲୋକ ଦୁଇଟିର ଆଧ୍ୟାତ୍ମିକ ପ୍ରଭାବ ଭିନ୍ନ ବୋଲି କହୁଥିବା ବେଳେ, ଅନେକ ଭକ୍ତ ଉଭୟ ମାଳାକୁ ଏକାଠି ଧାରଣ କରିଥାନ୍ତି। ପ୍ରଚଳିତ ଧାର୍ମିକ ମାନ୍ୟତା ଅନୁସାରେ, ତୁଳସୀ ମାଳା ଓ ରୁଦ୍ରାକ୍ଷକୁ ଏକାଠି ପିନ୍ଧିବାରେ କୌଣସି ଆପତ୍ତି ନାହିଁ। ତୁଳସୀ ଭଗବାନ ବିଷ୍ଣୁଙ୍କ ସହ ଏବଂ ରୁଦ୍ରାକ୍ଷ ଭଗବାନ ଶିବଙ୍କ ସହ ସମ୍ପର୍କିତ ହୋଇଥିଲେ ମଧ୍ୟ, ସନାତନ ପରମ୍ପରାରେ ଶିବ ଓ ବିଷ୍ଣୁଙ୍କୁ ପରସ୍ପର ବିରୋଧୀ ଭାବେ ଦେଖାଯାନ୍ତି ନାହିଁ। ଧାର୍ମିକ ପରମ୍ପରାରେ ଭଗବାନ ବିଷ୍ଣୁ ଓ ଭଗବାନ ଶିବଙ୍କ ମିଳିତ ରୂପକୁ ହରିହର କୁହାଯାଏ। ଏହି ରୂପର ଗୋଟିଏ ଅଂଶକୁ ହରି ଅର୍ଥାତ୍ ବିଷ୍ଣୁ ଏବଂ ଅନ୍ୟ ଅଂଶକୁ ହର ଅର୍ଥାତ୍ ଶିବଙ୍କ ପ୍ରତୀକ ଭାବେ ବର୍ଣ୍ଣନା କରାଯାଏ। ଏହି ଧାର୍ମିକ ଧାରଣାକୁ ଆଧାର କରି ତୁଳସୀ ଓ ରୁଦ୍ରାକ୍ଷକୁ ପରସ୍ପର ବିରୋଧୀ ଭାବେ ଦେଖିବା ଉଚିତ୍ ନୁହେଁ ବୋଲି କେତେକ ପରମ୍ପରାରେ ମତ ରହିଛି। ତୁଳସୀ ମାଳା ଓ ରୁଦ୍ରାକ୍ଷକୁ ଏକାଠି ଧାରଣ କରିବା ଉପରେ ପ୍ରମୁଖ ହିନ୍ଦୁ ଶାସ୍ତ୍ର କିମ୍ବା ପୁରାଣରେ ସ୍ପଷ୍ଟ ନିଷେଧ ରହିଛି ବୋଲି ସାଧାରଣତଃ କୁହାଯାଏ ନାହିଁ। ଦୁଇ ମାଳାର 'ଶକ୍ତି' ଭିନ୍ନ ବୋଲି ସମାଜରେ ବିଭିନ୍ନ ମତ ପ୍ରଚଳିତ ଥିଲେ ମଧ୍ୟ, ଏହା ସବୁ ପରମ୍ପରାରେ ସମାନ ଭାବେ ଗ୍ରହଣୀୟ ନୁହେଁ। କେତେକ ସନ୍ଥ ଓ ଧାର୍ମିକ ବିଦ୍ୱାନ ଉଭୟ ମାଳା ଧାରଣ କରୁଥିବା ଉଦାହରଣ ମଧ୍ୟ ଦିଆଯାଏ। ତେଣୁ ତୁଳସୀ ଓ ରୁଦ୍ରାକ୍ଷକୁ ଏକାଠି ପିନ୍ଧିବା ଧାର୍ମିକ ଭାବେ ବିରୋଧାଭାସୀ ବୋଲି ସବୁ ପରମ୍ପରାରେ ମାନ୍ୟତା ନାହିଁ। ଯଦି କୌଣସି ବ୍ୟକ୍ତି ନିର୍ଦ୍ଦିଷ୍ଟ ଗୁରୁ, ସମ୍ପ୍ରଦାୟ କିମ୍ବା ପରମ୍ପରାରୁ ଦୀକ୍ଷା ନେଇଥାନ୍ତି, ତେବେ ମାଳା ଧାରଣ ସମ୍ପର୍କିତ ନିୟମ ପାଇଁ ନିଜ ଗୁରୁ କିମ୍ବା ପରମ୍ପରାର ନିର୍ଦ୍ଦେଶକୁ ପ୍ରାଥମିକତା ଦେବା ଉଚିତ୍। ଗଳାରେ ପିନ୍ଧାଯାଉଥିବା ମାଳା ଏବଂ ମନ୍ତ୍ର ଜପ ପାଇଁ ବ୍ୟବହୃତ ମାଳାକୁ ଅଲଗା ରଖିବା ପରମ୍ପରା ରହିଛି। ଯେଉଁ ମାଳାରେ ନିୟମିତ ମନ୍ତ୍ର ଜପ କରାଯାଏ, ତାହାକୁ ଗଳାରେ ପିନ୍ଧିବା ପରିବର୍ତ୍ତେ ଜପ ପାଇଁ ଅଲଗା ମାଳା ରଖିବାକୁ କୁହାଯାଏ। ତୁଳସୀ ମାଳା ଧାରଣ କରିବା ସହିତ ସାତ୍ତ୍ୱିକ ଜୀବନଶୈଳୀ ପାଳନ କରିବାକୁ କେତେକ ଧାର୍ମିକ ପରମ୍ପରାରେ ଗୁରୁତ୍ୱ ଦିଆଯାଏ। ଏଥିରେ ନିରାମିଷ ଖାଦ୍ୟ ଗ୍ରହଣ, ମଦ୍ୟପାନରୁ ଦୂରେଇ ରହିବା ଏବଂ କେତେକ ପରମ୍ପରାରେ ପିଆଜ-ରସୁଣ ତ୍ୟାଗ କରିବା ଭଳି ନିୟମ ସାମିଲ ରହିଛି।

ଦୀର୍ଘ ସମୟ କାମ ଓ ଚାପ ବଢ଼ାଉଛି ହୃଦ୍‌ଘାତର ଆଶଙ୍କା



ଆଧୁନିକ ଜୀବନଶୈଳୀରେ ଦୀର୍ଘ ସମୟ ଧରି କାମ କରିବା, ଅତ୍ୟଧିକ ମାନସିକ ଚାପ ଏବଂ ପର୍ଯ୍ୟାପ୍ତ ନିଦ୍ରାର ଅଭାବ ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଚିନ୍ତାର କାରଣ ପାଲଟିଛି। ଦୀର୍ଘ ସମୟ ଧରି ଏଭଳି ଜୀବନଶୈଳୀ ଜାରି ରହିଲେ ଉଚ୍ଚ ରକ୍ତଚାପ ସହ ହୃଦ୍‌ରୋଗ ଓ ଷ୍ଟ୍ରୋକ୍‌ର ଆଶଙ୍କା ବଢ଼ିପାରେ। ଦୀର୍ଘସ୍ଥାୟୀ ଚାପ ଓ ନିଦ୍ରାଭାବ ସମୟରେ ଶରୀରରେ କର୍ଟିସୋଲ୍ ଓ ଆଡ୍ରେନାଲିନ୍ ଭଳି ଷ୍ଟ୍ରେସ୍ ହରମୋନ୍‌ର ସ୍ତର ବଢ଼ିପାରେ। ଏହା ହୃଦ୍‌ସ୍ପନ୍ଦନ ଓ ରକ୍ତଚାପ ଉପରେ ପ୍ରଭାବ ପକାଇବା ସହ ଦୀର୍ଘକାଳୀନ ଭାବେ ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ। ଉଚ୍ଚ ରକ୍ତଚାପକୁ ଅନେକ ସମୟରେ 'ନିରବ ଘାତକ' ବୋଲି କୁହାଯାଏ, କାରଣ ଏହା ସ୍ପଷ୍ଟ ଲକ୍ଷଣ ବିନା ମଧ୍ୟ ହୃଦୟ ଓ ଧମନୀ ଉପରେ କ୍ଷତିକାରକ ପ୍ରଭାବ ପକାଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଆନ୍ତର୍ଜାତୀୟ ଶ୍ରମ ସଂଗଠନର ଗବେଷଣାରେ ସପ୍ତାହକୁ ୫୫ ଘଣ୍ଟା ବା ତା'ଠାରୁ ଅଧିକ କାମ କରିବା ଓ ଇସକେମିକ୍ ହୃଦ୍‌ରୋଗ ଏବଂ ଷ୍ଟ୍ରୋକ୍‌ଜନିତ ମୃତ୍ୟୁର ବୃଦ୍ଧି ମଧ୍ୟରେ ସମ୍ପର୍କ ଦେଖାଯାଇଛି। ତେବେ ୫୫ ଘଣ୍ଟାର ସୀମା ଅତିକ୍ରମ କଲେ ତୁରନ୍ତ ହୃଦ୍‌ରୋଗ ହେବ ବୋଲି ଏହାର ଅର୍ଥ ନୁହେଁ। ବରଂ, ବହୁ ବର୍ଷ ଧରି ଅତ୍ୟଧିକ ସମୟ କାମ କରିବା ଦ୍ୱାରା ବିପଦ ବଢ଼ିପାରେ। କାମର ଚାପ, ଲଗାତାର ଡେଡ୍‌ଲାଇନ୍ ଏବଂ ବିଶ୍ରାମ ପାଇଁ ପର୍ଯ୍ୟାପ୍ତ ସମୟର ଅଭାବ ଶରୀରରେ ଦୀର୍ଘସ୍ଥାୟୀ ଚାପ ସୃଷ୍ଟି କରିପାରେ। ଏହାର ପ୍ରଭାବରେ ହୃଦ୍‌ସ୍ପନ୍ଦନ ଓ ରକ୍ତଚାପ ବଢ଼ିବା ସହ ରକ୍ତନଳୀର ସାଧାରଣ କାର୍ଯ୍ୟ ପ୍ରଭାବିତ ହୋଇପାରେ। ଶରୀରରେ ପ୍ରଦାହ ବୃଦ୍ଧି ପାଇବାର ଆଶଙ୍କା ମଧ୍ୟ ରହିଥାଏ। ବିଶେଷକରି ଯେଉଁମାନଙ୍କଠାରେ ପୂର୍ବରୁ ଉଚ୍ଚ ରକ୍ତଚାପ, ମଧୁମେହ କିମ୍ବା କରୋନାରୀ ଧମନୀ ରୋଗ ଭଳି ସମସ୍ୟା ରହିଛି, ସେମାନଙ୍କ ପାଇଁ ଦୀର୍ଘସ୍ଥାୟୀ ଚାପ ଅଧିକ ଚିନ୍ତାଜନକ ହୋଇପାରେ। ଅଫିସ୍‌ରେ ଦୀର୍ଘ ସମୟ କାମ କରିବା ସମୟରେ ଘଣ୍ଟା ଘଣ୍ଟା ଧରି ଚେୟାରରେ ବସି ରହିବା ମଧ୍ୟ ହୃଦ୍‌ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଶାରୀରିକ କାର୍ଯ୍ୟକଳାପ କମିଯିବା ଫଳରେ ଓଜନ ବଢ଼ିବା, ଇନସୁଲିନ୍ ପ୍ରତିରୋଧ, ମଧୁମେହ ଏବଂ ରକ୍ତରେ ଚର୍ବିର ଅସନ୍ତୁଳନ ଭଳି ସମସ୍ୟାର ଆଶଙ୍କା ବଢ଼ିପାରେ। ନିୟମିତ ବ୍ୟାୟାମ କରିବା ନିଶ୍ଚିତ ଭାବେ ଲାଭଦାୟକ। କିନ୍ତୁ ଏହା ସହିତ ଦିନସାରା ଲଗାତାର ବସି ରହିବାକୁ ମଧ୍ୟ କମାଇବା ଆବଶ୍ୟକ। ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବା ଏବଂ ସକାଳୁ ଶୀଘ୍ର ଉଠିବା ଯୋଗୁଁ ନିଦ୍ରା ସମୟ କମିଯାଇପାରେ। ନିୟମିତ ଭାବେ ପର୍ଯ୍ୟାପ୍ତ ନିଦ୍ରା ନହେଲେ ଉଚ୍ଚ ରକ୍ତଚାପ, ମେଦବହୁଳତା, ମଧୁମେହ ଓ ହୃଦ୍‌ରୋଗର ବିପଦ ବଢ଼ିପାରେ। ତେଣୁ ଶରୀର ଓ ହୃଦୟର ସୁସ୍ଥତା ପାଇଁ ପର୍ଯ୍ୟାପ୍ତ ଓ ନିୟମିତ ନିଦ୍ରା ଅତ୍ୟନ୍ତ ଜରୁରୀ। ବିଶେଷଜ୍ଞମାନଙ୍କ ମତରେ, ଦୀର୍ଘ ସମୟ ଧରି ବସି କାମ କରୁଥିଲେ ପ୍ରତି ୩୦-୬୦ ମିନିଟ୍‌ରେ ଥରେ ଉଠି କିଛି ସମୟ ଚଲାବୁଲା କରିବା ଭଲ। ସପ୍ତାହକୁ ଅତିକମରେ ୧୫୦ ମିନିଟ୍ ମଧ୍ୟମ ଧରଣର ଏରୋବିକ୍ ବ୍ୟାୟାମ ସହ ନିୟମିତ ଷ୍ଟ୍ରେଙ୍ଥ ଟ୍ରେନିଂ କରିବା ମଧ୍ୟ ଉପକାରୀ। ଏହା ସହିତ ପର୍ଯ୍ୟାପ୍ତ ନିଦ୍ରା, ସନ୍ତୁଳିତ ଖାଦ୍ୟ, ଧୂମପାନରୁ ଦୂରେଇ ରହିବା ଏବଂ ଚାପ ନିୟନ୍ତ୍ରଣ କରିବା ଦିଗରେ ଧ୍ୟାନ ଦେବା ଆବଶ୍ୟକ। ନିୟମିତ ଭାବେ ରକ୍ତଚାପ, ରକ୍ତଶର୍କରା ଓ କୋଲେଷ୍ଟେରଲ୍ ସ୍ତର ଯାଞ୍ଚ କରିବା ମଧ୍ୟ ହୃଦ୍‌ରୋଗର ବିପଦକୁ ଶୀଘ୍ର ଚିହ୍ନଟ କରିବାରେ ସହାୟକ ହୋଇପାରେ।

ଗୁଟ୍‌ଖାର ପ୍ରଭାବ : ଦେଶରେ ୪୦% ମୁଖ କର୍କଟରେ ଆକ୍ରାନ୍ତ

ମଧ୍ୟପ୍ରଦେଶରେ 'ଜୁଗାଡ଼ ଗୁଟଖା' ଯୋଗୁ ପ୍ରତିବର୍ଷ ମୁଖ କର୍କଟ ମାମଲା ବଢ଼ିବାରେ ଲାଗିଛି। ମୁଖ କର୍କଟର ବଢୁଥିବା ମାମଲାକୁ ଦୃଷ୍ଟିରେ ରଖି ପ୍ରାୟ ୧୪ ବର୍ଷ ପୂର୍ବେ ମଧ୍ୟପ୍ରଦେଶରେ ଗୁଟଖା ବିକ୍ରି ଉପରେ ରୋକ୍ ଲଗାଯାଇଥିଲା। କିନ୍ତୁ ଏହା ପରେ ପାଉଚ୍‌ର ସ୍ଥାନ ନେଇଛି 'ଜୁଗାଡ଼ ଗୁଟଖା'। ତମାଖୁ, ଚୂନ ଓ ଜୁଗାଡ଼ ଗୁଟଖା ଯୋଗୁ ଦେଶରେ ସର୍ବାଧିକ ମୁଖ କର୍କଟ ରୋଗୀ ମଧ୍ୟପ୍ରଦେଶରେ ଚିହ୍ନଟ ହେଉଛନ୍ତି। ମଧ୍ୟପ୍ରଦେଶରେ ୨୦୨୫ ମସିହାରେ ୪୮ ହଜାର ୬୯୪ ଜଣ କର୍କଟ ରୋଗୀ ଚିହ୍ନଟ ହୋଇଥିଲେ। ସେଥିମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ରୋଗୀ ମୁଖ କର୍କଟରେ ପୀଡ଼ିତ ଥିଲେ। ନ୍ୟାସନାଲ କ୍ୟାନ୍ସର ରେଜିଷ୍ଟ୍ରି ପ୍ରୋଗ୍ରାମ୍ ଇନଭେଷ୍ଟିଗେଟରଙ୍କ ରିପୋର୍ଟ ଅନୁଯାୟୀ, ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ମୁଖ କର୍କଟର ସର୍ବାଧିକ ମାମଲା ସାମ୍ନାକୁ ଆସୁଛି। ଭୋପାଳରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୪୧ ଜଣ ମୁଖ କର୍କଟରେ ପୀଡ଼ିତ ହେଉଛନ୍ତି। ଏହା ବ୍ୟତୀତ ରାଜ୍ୟର ବୁନ୍ଦେଲଖଣ୍ଡ ଅଞ୍ଚଳରେ ମଧ୍ୟ ମୁଖ କର୍କଟ ରୋଗୀଙ୍କ ସଂଖ୍ୟା ବେଶ୍ ଅଧିକ ରହିଛି। କର୍କଟ ରୋଗ ବିଶେଷଜ୍ଞ ଡା. ଶ୍ୟାମ ଅଗ୍ରୱାଲଙ୍କ କହିବା ଅନୁଯାୟୀ, ମୁଖ କର୍କଟ ରୋକିବା ପାଇଁ ୧ ଏପ୍ରିଲ ୨୦୧୨ରେ ମଧ୍ୟପ୍ରଦେଶରେ ତମାଖୁ ପାଉଚ୍ ବିକ୍ରି ଉପରେ ପ୍ରତିବନ୍ଧ ଲଗାଯାଇଥିଲା। କିନ୍ତୁ ଏହା ପରେ 'ଜୁଗାଡ଼ ପାଉଚ୍' ବଜାରକୁ ଆସିଗଲା। ଏବେ ଗୋଟିଏ ପାଉଚ୍‌ରେ ସାଧା ଗୁଟଖା ଏବଂ ଅନ୍ୟ ଏକ ପାଉଚ୍‌ରେ ତମାଖୁ, ଚୂନ ଆଦି ଦିଆଯାଉଛି। ଏହି ଦୁଇଟିକୁ ମିଶାଇଲେ ସେହି ତମାଖୁଯୁକ୍ତ ଗୁଟଖା ପ୍ରସ୍ତୁତ ହୋଇଯାଉଛି, ଯାହା ଉପରେ ପୂର୍ବରୁ ପ୍ରତିବନ୍ଧ ଲଗାଯାଇଥିଲା। ଏହି କାରଣରୁ ରାଜ୍ୟରେ ମୁଖ କର୍କଟ ରୋଗୀଙ୍କ ସଂଖ୍ୟା କମିବା ବଦଳରେ ବଢ଼ିଛି ବୋଲି ଡା. ଅଗ୍ରୱାଲ କହିଛନ୍ତି। ଡା. ଶ୍ୟାମ ଅଗ୍ରୱାଲ କହିଛନ୍ତି ଯେ, ଏବେ ମୁଖ କର୍କଟ ରୋଗୀଙ୍କ କ୍ଷେତ୍ରରେ ଏକ ବଡ଼ ପରବର୍ତ୍ତନ ଦେଖାଯାଉଛି। କିଛି ବର୍ଷ ପୂର୍ବରୁ ମୁଖ କର୍କଟ ରୋଗୀଙ୍କ ହାରାହାରି ବୟସ ୫୦ ବର୍ଷ କିମ୍ବା ତା'ଠାରୁ ଅଧିକ ଥିଲା। କିନ୍ତୁ ଏବେ ୨୦ରୁ ୨୫ ବର୍ଷ ବୟସର ଯୁବକ-ଯୁବତୀ ମଧ୍ୟ କର୍କଟର ଶିକାର ହେଉଛନ୍ତି। ଏହାର କାରଣ କେବଳ ତମାଖୁ ସେବନ ବୋଲି ସେ କହିଛନ୍ତି। ସମଗ୍ର ବିଶ୍ୱରେ ଭାରତ, ପାକିସ୍ତାନ ସମେତ କିଛି ଦେଶରେ ହିଁ ମୁଖ କର୍କଟ ରୋଗୀ ଦେଖାଯାଉଛନ୍ତି। ଏଥିମଧ୍ୟରେ ମଧ୍ୟପ୍ରଦେଶରେ ଏହାର ସଂଖ୍ୟା ସର୍ବାଧିକ। ମଧ୍ୟପ୍ରଦେଶରେ କର୍କଟ ରୋଗୀଙ୍କ ସଂଖ୍ୟା ପ୍ରତିବର୍ଷ ୧୦.୫୫ ପ୍ରତିଶତ ହାରରେ ବଢୁଥିବା ବେଳେ ଏଥିରେ ମୁଖ କର୍କଟ ରୋଗୀଙ୍କ ସଂଖ୍ୟା ୪୦ ପ୍ରତିଶତ ବଢୁଛି। ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦର ଜାତୀୟ ମହାମାରୀ ବିଜ୍ଞାନ ପ୍ରତିଷ୍ଠାନ ଅନୁଯାୟୀ, ୨୦୨୧ରୁ ୨୦୨୫ ମଧ୍ୟରେ ମଧ୍ୟପ୍ରଦେଶରେ କର୍କଟ ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଛି। ରାଜ୍ୟରେ ମୁଖ କର୍କଟ ମାମଲା ସାଧାରଣ କର୍କଟ ମାମଲା ତୁଳନାରେ ଅଧିକ ହାରରେ ବଢୁଛି। ଦେଶରେ ମଧ୍ୟ ଚିହ୍ନଟ ହେଉଥିବା ମୋଟ କର୍କଟ ମାମଲାର ୪୦ ପ୍ରତିଶତ କେବଳ ମୁଖ କର୍କଟ ବୋଲି କୁହାଯାଇଛି। ଭୋପାଳସ୍ଥିତ ଜବାହରଲାଲ ନେହରୁ କ୍ୟାନ୍ସର ହସ୍ପିଟାଲର ତଥ୍ୟକୁ ଦେଖିଲେ, ୨୦୧୨ରେ ହସ୍ପିଟାଲରେ ମୁଖ କର୍କଟ ରୋଗୀଙ୍କ ସଂଖ୍ୟା ୧୮୩୬ ଥିଲା। ଏହା ୨୦୨୫ରେ ବଢ଼ି ୨୬୧୪ରେ ପହଞ୍ଚିଛି। ଏଠାରେ ଚିକିତ୍ସା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ରୋଗୀ ଆସୁଛନ୍ତି। ମୁଖ କର୍କଟ ରୋଗୀଙ୍କ ସଂଖ୍ୟାରେ କ୍ରମାଗତ ବୃଦ୍ଧି ଚିନ୍ତାଜନକ ବୋଲି କୁହାଯାଇଛି। ୨୦୨୦ରେ ହସ୍ପିଟାଲରେ ୨୧୧୮ ଜଣ ଓରାଲ୍ କ୍ୟାନ୍ସର ରୋଗୀ ଚିହ୍ନଟ ହୋଇଥିଲେ। ୨୦୨୧ରେ ଏହି ସଂଖ୍ୟା ବଢ଼ି ୨୫୧୯ ହୋଇଥିଲା। ୨୦୨୨ରେ ୨୪୯୨ ଜଣ ରୋଗୀ ଚିକିତ୍ସା ପାଇଁ ଆସିଥିଲେ। ସେହିପରି ୨୦୨୩ରେ ୨୫୬୬, ୨୦୨୪ରେ ୨୭୪୩ ଏବଂ ୨୦୨୫ରେ ୨୬୧୪ ଜଣ ଓରାଲ୍ କ୍ୟାନ୍ସର ରୋଗୀ ସାମ୍ନାକୁ ଆସିଥିଲେ। ଜବାହରଲାଲ ନେହରୁ କ୍ୟାନ୍ସର ହସ୍ପିଟାଲ, ଭୋପାଳର ମେଡିକାଲ ଅଙ୍କୋଲୋଜିଷ୍ଟ ଡା. ବିଜୟ ଭାର୍ଗବ କହିଛନ୍ତି ଯେ, ଗୁଟଖା, ପାଉଚ୍, ତମାଖୁ ଖାଉଥିବା ଏବଂ ସିଗାରେଟ୍ ପିଉଥିବା ଲୋକେ ମୁହଁରେ ଦେଖାଦେଉଥିବା ପ୍ରାରମ୍ଭିକ ଲକ୍ଷଣକୁ ଆଦୌ ଅଣଦେଖା କରନ୍ତୁ ନାହିଁ। ଯଦି ଧୀରେ ଧୀରେ ମୁହଁ ଖୋଲିବା କମିଯାଏ କିମ୍ବା ମୁହଁ ଭିତରେ କୌଣସି ପ୍ରକାରର ନାଲି କିମ୍ବା ଧଳା ଦାଗ ଦେଖାଯାଏ, ତେବେ ତୁରନ୍ତ ତମାଖୁ, ଗୁଟଖା ଖାଇବା ବନ୍ଦ କରି ଯାଞ୍ଚ କରାଇବା ଉଚିତ। ପ୍ରାରମ୍ଭିକ ସ୍ତରରେ ଯାଞ୍ଚ ଏବଂ ଔଷଧ ମାଧ୍ୟମରେ ଗୁରୁତର ରୋଗକୁ ଏଡ଼ାଇ ହେବ ବୋଲି ସେ କହିଛନ୍ତି। ଡାକ୍ତର ଆହୁରି କହିଛନ୍ତି ଯେ, ନିୟମିତ ତମାଖୁ, ଗୁଟଖା ଖାଉଥିବା ଏବଂ ସିଗାରେଟ୍ ପିଉଥିବା ଲୋକଙ୍କ ମୁହଁରେ ଧଳା କିମ୍ବା ନାଲି ଦାଗ ହୋଇଥାଏ। ଏହା ଏକ ପ୍ରକାରର ଚେତାବନୀ, ଯାହା ଶରୀର ଦେଇଥାଏ। ଏପରି ସ୍ଥିତିରେ ତୁରନ୍ତ ତମାଖୁ ଓ ପାଉଚ୍ ଖାଇବା ବନ୍ଦ କରିବା ଆବଶ୍ୟକ। ଅନେକ ସମୟରେ ଲୋକେ କୁହନ୍ତି ଯେ କେବଳ ତମାଖୁ ଓ ଚୂନ ଖାଇଲେ କିଛି ହୁଏ ନାହିଁ। କିନ୍ତୁ ତମାଖୁକୁ ଚୂନ ସହିତ ମିଶାଇଲେ ଏହା ନିକୋଟିନକୁ ଶୀଘ୍ର ରକ୍ତରେ ମିଶାଇଥାଏ। ଫଳରେ ତମାଖୁର ନିଶା ଆହୁରି ମଜଭୁତ ହୁଏ। ଏହା ସହିତ ମୁହଁରେ ଘା' ମଧ୍ୟ ସୃଷ୍ଟି ହୁଏ, ଯାହା ପରବର୍ତ୍ତୀ ସମୟରେ କର୍କଟର କାରଣ ହୋଇପାରେ। ତମାଖୁଯୁକ୍ତ ଗୁଟଖା ବିକ୍ରି ଉପରେ ପ୍ରତିବନ୍ଧ ଲଗାଯିବା ପରେ ଗୁଟଖା ସହିତ ଅଲଗା ଏକ ଛୋଟ ପାଉଚ୍ ଦିଆଯାଉଛି, ଯାହାର ଦାମ ମଧ୍ୟ ଅଲଗା ନିଆଯାଉଛି। ଏହି ଛୋଟ ପାଉଚ୍‌ରେ ତମାଖୁ ଓ ଚୂନ ରହୁଛି। ତେବେ ଏବେ କିଛି ରାଜ୍ୟ ଏହାକୁ ନେଇ କଠୋର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଓଡ଼ିଶା ସରକାର ୨୨ ଜାନୁଆରୀ ୨୦୨୬ରୁ ରାଜ୍ୟରେ ତମାଖୁ, ଗୁଟଖା, ଖଇନି, ଜର୍ଦ୍ଦା ସମେତ ସମସ୍ତ ତମାଖୁ ଉତ୍ପାଦ ଉପରେ ପ୍ରତିବନ୍ଧ ଲଗାଇଛନ୍ତି। ତେବେ ଏହି ପ୍ରତିବନ୍ଧରେ ସିଗାରେଟ୍‌କୁ ସାମିଲ କରାଯାଇନାହିଁ। କର୍ଣ୍ଣାଟକ ସରକାର ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ୧୫ ଜୁନ୍ ୨୦୨୬ରୁ ରାଜ୍ୟରେ ତମାଖୁ ଓ ନିକୋଟିନଯୁକ୍ତ ଗୁଟ

32 YEARS
ସମୟ କଣ୍ଠିକା
ଭୁବନେଶ୍ୱର, ୨୩ ସେପ୍ଟେମ୍ବର, ବୁଧବାର, ୨୦୨୬
ପୃଷ୍ଠା – ୬

ଏସିଆନ ଗେମ୍ସରେ ୨ ସ୍ୱର୍ଣ୍ଣ ହାସଲ କରି ରେକର୍ଡ କଲେ ୧୩ ବର୍ଷୀୟା ବାଳିକା

ନୂଆଦିଲ୍ଲୀ



ଯେଉଁ ବୟସରେ ଅଧିକାଂଶ ପିଲା ପାଠପଢ଼ା ଓ ଖେଳର ମୌଳିକ ଅଭ୍ୟାସରେ ବ୍ୟସ୍ତ ରହନ୍ତି, ସେହି ବୟସରେ ଚାଇନାର ୧୩ ବର୍ଷୀୟା ସନ୍ତରଣକାରୀ ୟୁ ଜିଦି ଏସିଆନ ଗେମ୍ସରେ ନିଜ ପ୍ରତିଭାର ଚମକ ଦେଖାଇଛନ୍ତି। ମହିଳା ୨୦୦ ମିଟର ବ୍ୟକ୍ତିଗତ ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ସେ ନୂଆ ଏସିଆନ ଗେମ୍ସ ରେକର୍ଡ ସ୍ଥାପନ କରିଛନ୍ତି। ୟୁ ଜିଦି ୨ ମିନିଟ ୬.୧୦ ସେକେଣ୍ଡରେ ରେସ ଶେଷ କରି ଏହି ସଫଳତା ହାସଲ କରିଥିଲେ। ଏହା ସହ ସେ ୟୁ ୟିଟିଙ୍ଗଙ୍କ ୨ ମିନିଟ ୬.୮୨ ସେକେଣ୍ଡର ପୂର୍ବ ଏସିଆନ ଗେମ୍ସ ରେକର୍ଡକୁ ପଛରେ ପକାଇଛନ୍ତି।

ବିଶ୍ୱସ୍ତରରେ ମଧ୍ୟ ୟୁ ଜିଦିଙ୍କ ନାଁ ଚର୍ଚ୍ଚାରେ ରହିଛି। ମହିଳା ୨୦୦ ମିଟର ବ୍ୟକ୍ତିଗତ ରେସ୍‌ରେ ତାଙ୍କ ୨ ମିନିଟ୍ ୦୬.୧୦ ସେକେଣ୍ଡ ସମୟ ଏପର୍ଯ୍ୟନ୍ତର ଦ୍ୱିତୀୟ ଦ୍ରୁତତମ ବୋଲି ଉଲ୍ଲେଖ କରାଯାଉଛି। କାନାଡାର ସମର ମ୍ୟାକିଣ୍ଟୋଶ ୨ ମିନିଟ୍ ୦୫.୭୦ ସେକେଣ୍ଡ ସହ ବିଶ୍ୱ ରେକର୍ଡ କରିଛନ୍ତି। ଅର୍ଥାତ୍ ୟୁ ଜିଦି ମାତ୍ର ୦.୪୦ ସେକେଣ୍ଡ ପଛରେ ରହିଛନ୍ତି।

ଏହି ରେସ ପୂର୍ବରୁ ୟୁ ଜିଦିଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ସମୟ ୨ ମିନିଟ ୭.୪୧ ସେକେଣ୍ଡ ଥିଲା। ଏହି ପ୍ରଦର୍ଶନରେ ସେ ନିଜ ରେକର୍ଡରେ ବଡ଼ ସୁଧାର ଆଣିଛନ୍ତି।

୨୦୦ ମିଟର ବ୍ୟକ୍ତିଗତ ରେସ୍ ପୂର୍ବରୁ ୟୁ ଜିଦି ୨୦୦ ମିଟର ବଟରଫ୍ଲାଏରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହି ଇଭେଣ୍ଟରେ ସେ ୨ ମିନିଟ ୫.୦୮ ସେକେଣ୍ଡ ସମୟ ନେଇ ଏସିଆନ ଗେମ୍ସ ରେକର୍ଡ ସ୍ଥାପନ କରିଥିଲେ। ଏହିପରି ଭାବେ ମାତ୍ର ୧୩ ବର୍ଷ ବୟସରେ ୟୁ ଜିଦି ଏସିଆନ ଗେମ୍ସରେ ଲଗାତାର ଦୁଇଟି ସ୍ୱର୍ଣ୍ଣ ସହ ଦୁଇଟି ରେକର୍ଡ ନିଜ ନାମରେ କରିଛନ୍ତି। ୟୁ ଜିଦିଙ୍କ ଅଭିଯାନ ଏଠାରେ ଶେଷ ହୋଇନାହିଁ। ଚଳିତ ସପ୍ତାହରେ ହେବାକୁ ଥିବା ମହିଳା ୪୦୦ ମିଟର ବ୍ୟକ୍ତିଗତ ରେସ୍ ଉପରେ ଏବେ ସମସ୍ତଙ୍କ ନଜର ରହିବ।

ଇତିହାସ ରଚିଲେ ଭାରତୀୟ ମହିଳା କ୍ରିକେଟ୍ ଦଳ

ଏସିଆନ ଗେମ୍ସ-୨୦୨୬ରେ ଦେଶକୁ ମିଳିଲା ପ୍ରଥମ ସ୍ୱର୍ଣ୍ଣ ପଦକ

ଆଇଚି-ନାଗୋୟା



ଜାପାନର ନିଶିନର କୋରୋଗି ସ୍ପୋର୍ଟ୍ସ ପାର୍କରେ ମଙ୍ଗଳବାର (୨୨ ସେପ୍ଟେମ୍ବର ୨୦୨୬) ଭାରତୀୟ ମହିଳା ଦଳ ଏବଂ ଶ୍ରୀଲଙ୍କା ମଧ୍ୟରେ ଏସିଆନ ଗେମ୍ସ ୨୦୨୬ର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌କୁ ୧୪୭ ରନରେ ଜିତି ଭାରତ ଏହି ଏସିଆନ ଗେମ୍ସରେ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଅନ୍ୟପଟେ ଶ୍ରୀଲଙ୍କାକୁ ରୌପ୍ୟ ପଦକ ମିଳିଛି। ଏହାପୂର୍ବରୁ ପାକିସ୍ତାନ ବାଂଲାଦେଶକୁ ପରାସ୍ତ କରି କାଂସ୍ୟ ପଦକ ନିଜ ନାମରେ କରିଥିଲା।

ଫାଇନାଲ ମୁକାବିଲାରେ ଭାରତ ଶ୍ରୀଲଙ୍କାକୁ ରନରେ ଏକପାଖିଆ ଭାବେ ପରାଜିତ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତୀୟ ମହିଳା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୩ଟି ୱିକେଟ୍ ହରାଇ ୨୧୬ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଶ୍ରୀଲଙ୍କା ମହିଳା ଦଳ ୧୫.୪ ଓଭରରେ ୬୯ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଅନ୍ତର୍ଜାତୀୟ ଟି୨୦ରେ ଭାରତୀୟ ମହିଳା ଦଳର ରନ୍ ବ୍ୟବଧାନ ହିସାବରେ ଏହା ସବୁଠାରୁ ବଡ଼ ବିଜୟ ଅଟେ।

ପ୍ରଥମେ ବ୍ୟାଟିଂ କରି ଭାରତୀୟ ମହିଳା ଦଳ ଶ୍ରୀଲଙ୍କା ସମ୍ମୁଖରେ ୨୧୬ ରନର ଏକ ବିଶାଳ ଲକ୍ଷ୍ୟ ରଖିଥିଲା। ଭାରତର ଆରମ୍ଭ ଅତ୍ୟନ୍ତ ଚମତ୍କାର ରହିଥିଲା ଏବଂ ଓପନିଂ ବ୍ୟାଟର ସ୍ମୃତି ମନ୍ଧାନା ଓ ଶେଫାଳୀ ବର୍ମା ପ୍ରଥମ ୱିକେଟ୍ ପାଇଁ ୯୯ ରନର ଏକ ଚମତ୍କାର ଭାଗିଦାରୀ କରିଥିଲେ। ମନ୍ଧାନା ଧୂଆଁଧାର ବ୍ୟାଟିଂ କରି ୪୫ ବଲରେ ୫ଟି ଚୌକା ଓ ୭ଟି ଛକା ସହାୟତାରେ ୭୯ ରନର ଏକ ତୋଫାନୀ ପାଳି ଖେଳିଥିଲେ।

ଅନ୍ୟପଟେ ଶେଫାଳୀ ବର୍ମା ନିଜ ଅର୍ଦ୍ଧଶତକରୁ ବଞ୍ଚିତ ହୋଇ ୪୮ ରନ୍ କରି ଆଉଟ୍ ହୋଇଥିବା ବେଳେ ଅଧିନାୟିକା ହରମନପ୍ରୀତ କୌର ମାତ୍ର ୧୯ ରନ୍ କରିପାରିଥିଲେ। ଏହାପରେ ଋଚା ଘୋଷ ଦ୍ରୁତ ଗତିରେ ରନ୍ ସଂଗ୍ରହ କରି ଦଳକୁ ୨୦୦ ପାର୍ କରାଇଥିଲେ। ସେ ୨୨ ବଲରେ ଅପରାଜିତ ୪୯ ରନ୍ କରିଥିଲେ ଏବଂ ଭାରତୀଙ୍କ ସହ ମିଶି ୫୩ ରନ୍ ଯୋଡ଼ିଥିଲେ। ଏହିପରି ଭାବେ ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୩ଟି ୱିକେଟ୍ ହରାଇ ୨୧୬ ରନ୍ ସଂଗ୍ରହ କରିଥିଲା। ଯାହା ମହିଳା ଏସିଆନ ଗେମ୍ସ ଇତିହାସରେ ସବୁଠାରୁ ବଡ଼ ସ୍କୋର ପାଲଟିଛି।

ଭାରତ ଦେଇଥିବା ବିଶାଳ ଲକ୍ଷ୍ୟରେ ପିଛା କରିବାକୁ ଓହ୍ଲାଇଥିବା ଶ୍ରୀଲଙ୍କାର ଆରମ୍ଭ ଭଲ ରହିନଥିଲା। ଦଳ ବ୍ୟାଟରମାନେ ଆରମ୍ଭରୁ ହିଁ ଚାପରେ ଥିବା ଜଣାପଡୁଥିଲେ। ଓପନିଂ ବ୍ୟାଟର ଇମେଶା ଦୁଲାନୀ ୧୦ଟି ବଲ୍‌ରେ ୩ ରନ୍ କରି ଆଉଟ୍ ହୋଇଥିଲେ। ଅନ୍ୟପଟେ ହସିନୀ ପରେରା ଖାତା ଖୋଲିବା ପୂର୍ବରୁ ହିଁ ପଭିଲିୟନ ଫେରିଯାଇଥିଲେ। ଶ୍ରୀଲଙ୍କା ପାଇଁ ଅଧିନାୟିକା ଚମାରୀ ଅଟ୍ଟାପଟ୍ଟୁ ସର୍ବାଧିକ ୨୧ଟି ବଲ୍‌ରେ ୨୯ ରନ୍ ସଂଗ୍ରହ କରିଥିଲେ। ତାଙ୍କ ପରେ କଡିଶା ଦିଲହାରୀ ୧୧ ରନର ଯୋଗଦାନ ଦେଇଥିଲେ। ବାକି ବ୍ୟାଟରମାନେ କିଛି ବିଶେଷ କମାଲ କରିପାରିନଥିଲେ।

ଭାରତ ତରଫରୁ ଦୀପ୍ତି ଶର୍ମା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଏହା ସହ ଶ୍ରୀ ଚରଣୀ ଓ ଶ୍ରେୟାଙ୍କା ପାଟିଲ ୨ଟି ଲେଖାଁଏ ୱିକେଟ୍ ନେବାରେ ସଫଳ ହୋଇଥିଲେ।

ପ୍ରଥମ ମହିଳା କ୍ରିକେଟର ଭାବେ ୧୧୦୦୦ ରନ୍ ପୂରା କଲେ ସ୍ମୃତି ମନ୍ଧାନା

ନୂଆଦିଲ୍ଲୀ



ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା ମହିଳା କ୍ରିକେଟରେ ୧୧୦୦୦ ରନ୍ ସଂଗ୍ରହ କରିଥିବା ପ୍ରଥମ ବ୍ୟାଟର ହୋଇଛନ୍ତି। ଶ୍ରୀଲଙ୍କା ବିପକ୍ଷ ଏସିଆନ ଗେମ୍ସ ମ୍ୟାଚ୍‌ରେ ଏକ ଅର୍ଦ୍ଧଶତକୀୟ ପାଳି ଖେଳିବା ସମୟରେ ସେ ଏହି ବଡ଼ ସଫଳତା ହାସଲ କରିଛନ୍ତି। ଚଳିତ ମାସ ଆରମ୍ଭରେ ମନ୍ଧାନା ମହିଳା କ୍ରିକେଟରେ ସବୁଠାରୁ ଅଧିକ ରନ୍ କରିଥିବା ବ୍ୟାଟର ବନିଥିଲେ। ସେହିପରି ଶେଷ ମ୍ୟାଚ୍‌ରେ ସେ ଟି୨୦ କ୍ରିକେଟରେ ସବୁଠାରୁ ଅଧିକ ରନ୍ କରିଥିବା ମହିଳା କ୍ରିକେଟର ହୋଇଥିଲେ। ବର୍ତ୍ତମାନ ସେ ଆଉ ଏକ ସଫଳତା ନିଜ ନାମରେ କରିଛନ୍ତି। ଏହା ସହିତ ସେ ନିଜ କ୍ୟାରିୟରର ଏଭଳି ଏକ ପର୍ଯ୍ୟାୟରେ ପହଞ୍ଚିଛନ୍ତି, ଯେଉଁଠି ପ୍ରତି ମ୍ୟାଚ୍‌ରେ ସେ କିଛି ନା କିଛି ରେକର୍ଡ ଗଢୁଛନ୍ତି। ଏହା ପୂର୍ବରୁ ଭାରତ ପାଇଁ ସଚିନ ତେନ୍ଦୁଲକର ଏବଂ ବିରାଟ କୋହଲି ମଧ୍ୟ ଏଭଳି ସ୍ୱର୍ଣ୍ଣିମ ସମୟ ଦେଇ ଗତି କରିସାରିଛନ୍ତି।

ସ୍ମୃତି ମନ୍ଧାନା ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ନିଜ ଟି୨୦ କ୍ୟାରିୟରର ୩୭ତମ ଅର୍ଦ୍ଧଶତକ ମଧ୍ୟ ପୂରଣ କରିଛନ୍ତି। ସେ ମହିଳା ଟି୨୦ କ୍ରିକେଟରେ ସବୁଠାରୁ ଅଧିକ ଅନ୍ତର୍ଜାତୀୟ ରନ୍ ସଂଗ୍ରହ କରିଥିବା ବ୍ୟାଟର ମଧ୍ୟ ଅଟନ୍ତି। ମନ୍ଧାନା ଏହି ମମାଲାରେ ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟିକା ସୁଜି ବେଟ୍ସଙ୍କୁ ପଛରେ ପକାଇଛନ୍ତି। ମନ୍ଧାନା ଟି୨୦ କ୍ରିକେଟରେ ନିଜର ୫୦୦୦ ରନ୍ ପୂରଣ କରିବାକୁ ଖୁବ୍ ନିକଟତର ଅଛନ୍ତି। ଏହା କରିବା ଦ୍ୱାରା ସେ ଏହି ସଂଖ୍ୟାରେ ପହଞ୍ଚିଥିବା ପ୍ରଥମ ମହିଳା କ୍ରିକେଟର ମଧ୍ୟ ହୋଇଯିବେ।

ଏସିଆନ୍ ଗେମ୍ସ ୨୦୨୬ ମଙ୍ଗଳବାର (୨୨ ସେପ୍ଟେମ୍ବର) ମ୍ୟାଚରେ ସ୍ମୃତି ମନ୍ଧାନା ୭୯ ରନ୍ ସ୍କୋର କରି ଆଉଟ୍ ହୋଇଥିଲେ। ଏହି ପାଳିରେ ସେ ୫ଟି ଚୌକା ଏବଂ ୭ଟି ଛକା ମାରିଥିଲେ। ସ୍ମୃତି ମନ୍ଧାନାଙ୍କର ଦମ୍‌ଦାର ବ୍ୟାଟିଂ ଯୋଗୁଁ ଭାରତୀୟ ଦଳ ଏକ ବଡ଼ ସ୍କୋର କରିବାରେ ସଫଳ ହୋଇପାରିଥିଲା। ସ୍ମୃତି ମନ୍ଧାନା ଭାରତ ପାଇଁ ଗୋଟିଏ ଟି୨୦ ମ୍ୟାଚରେ ସବୁଠାରୁ ଅଧିକ ଛକା ମାରିଥିବା ମହିଳା ବ୍ୟାଟରଙ୍କ ତାଲିକାରେ ମଧ୍ୟ ସାମିଲ ହୋଇଛନ୍ତି। ଏହି ତାଲିକାରେ ଶେଫାଳୀ ବର୍ମା ଶୀର୍ଷରେ ଅଛନ୍ତି, ଯିଏ ବାଂଲାଦେଶ ବିପକ୍ଷ ଗତ ମ୍ୟାଚରେ ୯ଟି ଛକା ମାରିଥିଲେ। ୨୦୧୮ ମସିହାରେ ଅଷ୍ଟ୍ରେଲିଆ ବିପକ୍ଷରେ ୮ଟି ଛକା ମାରିଥିବା ହରମନପ୍ରୀତ କୌର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆଜିର ମ୍ୟାଚରେ ୭ଟି ଛକା ମାରି ମନ୍ଧାନା ତୃତୀୟ ସ୍ଥାନକୁ ଆସିଯାଇଛନ୍ତି। ସେ ହଂକଂ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ୭ଟି ଛକା ମାରିସାରିଛନ୍ତି।

ଜାପାନକୁ ୨ ରନରେ ହରାଇ ଟିମ୍ ଇଣ୍ଡିଆ ଜିତିଲା ନିଜର ୨୦୦ତମ ଟି୨୦ ମ୍ୟାଚ୍

ନୂଆଦିଲ୍ଲୀ

ଭାରତ ଏବଂ ଜାପାନ ମଧ୍ୟରେ ସାନୋ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଗ୍ରାଉଣ୍ଡରେ ଏକ ଐତିହାସିକ ଟି୨୦ ମ୍ୟାଚ୍ ଦେଖିବାକୁ ମିଳିଛି। ପ୍ରଥମ ଥର ପାଇଁ ଉଭୟ ଦେଶ ମଧ୍ୟରେ ଏହି କ୍ରିକେଟ୍ ମ୍ୟାଚ୍ ଖେଳାଯାଇଥିଲା ଏବଂ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକର ସାବ୍ୟସ୍ତ ହୋଇଥିଲା। ବର୍ଷା ଯୋଗୁଁ ମ୍ୟାଚ୍ ନିର୍ଦ୍ଧାରିତ ସମୟରୁ ପ୍ରାୟ ଅଢେଇ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଯାହାଫଳରେ ୨୦ ଓଭର ପରିବର୍ତ୍ତେ ମ୍ୟାଚ୍‌କୁ ୫ ଓଭର ଲେଖାଏଁ ଖେଳାଯାଇଥିଲା। ଏହି ସମୟରେ ମ୍ୟାଚ୍‌ରେ ଜାପାନ ବିଜୟର ଖୁବ୍ ନିକଟତର ଥିଲା ତଥାପି ଟିମ୍ ଇଣ୍ଡିଆ ଶେଷରେ ଏହି ମ୍ୟାଚ୍‌କୁ ମାତ୍ର ୨ ରନରେ ଜିତିବାରେ ସଫଳ ହୋଇଛି।

ବର୍ଷା ଯୋଗୁଁ ଯେତେବେଳେ ମ୍ୟାଚ୍‌କୁ ଛୋଟ କରାଯାଇ ୫ ଓଭର ବିଶିଷ୍ଟ କରାଗଲା, ସେତେବେଳେ କ୍ରିକେଟ୍ ପ୍ରଶଂସକମାନେ ବହୁତ ନିରାଶ ହୋଇଥିଲେ। ତଥାପି ଏହି କମ୍ ଓଭର ବିଶିଷ୍ଟ ମ୍ୟାଚ୍ ଉଭୟ ଦଳ ଦର୍ଶକଙ୍କ ବେଶ ରୋମାଞ୍ଚକର ମ୍ୟାଚ୍ ରହିଥିଲା।

ଟିମ୍ ଇଣ୍ଡିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଓଭରରେ ହିଁ ଭାରତ ଅଭିଷେକ ଶର୍ମାଙ୍କ ରୂପରେ ନିଜର ପ୍ରଥମ ୱିକେଟ୍ ହରାଇଥିଲା। ଦ୍ୱିତୀୟ ଓଭରରେ ସଞ୍ଜୁ ସାମସନ୍ ଓ ତୃତୀୟ ଓଭରରେ ଇଶାନ କିଶନ ସହଜରେ ଆଉଟ୍ ହୋଇଯାଇଥିଲେ। ଜାପାନର ବୋଲରମାନଙ୍କ ଆଗରେ ଭାରତର ବ୍ୟାଟରମାନେ ସଂଘର୍ଷ କରୁଥିବାର ନଜର ଆସିଥିଲେ।



ଟିମ୍ ଇଣ୍ଡିଆ ପୂର୍ବ ନିର୍ଦ୍ଧାରିତ ୫ ଓଭରରେ ୪ଟି ୱିକେଟ୍ ହରାଇ ମାତ୍ର ୩୨ ରନ୍ ହିଁ ସଂଗ୍ରହ କରିପାରିଥିଲା। ଜାପାନ ତରଫରୁ ଚାର୍ଲ୍ସ ହିଞ୍ଚେ ସର୍ବାଧିକ ୨ଟି ୱିକେଟ୍ ନେଇଥିବା ବେଳେ ଇବ୍ରାହିମ ତକାହାଶୀ ଏବଂ ବେଞ୍ଜାମିନ ଇଟୋ-ଡେଭିସ ଗୋଟିଏ ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଥିଲେ। ଜାପାନ ସମ୍ମୁଖରେ ମାତ୍ର ୩୩ ରନର ଲକ୍ଷ୍ୟ ଥିଲା ଏବଂ ମନେ ହେଉଥିଲା ଯେ ଦଳ ବିଶ୍ୱର ନମ୍ବର-୨ ଟି୨୦ ଦଳ ବିପକ୍ଷରେ ଏକ ବଡ଼ ଚମତ୍କାର କରିଦେଇପାରେ। ତଥାପି ଭାରତୀୟ ସ୍ପିନ ବୋଲରମାନଙ୍କ ବିପକ୍ଷରେ ଜାପାନର ବ୍ୟାଟରମାନେ ସଂଘର୍ଷ କରିଥିଲେ।

ଅକ୍ଷର ପଟେଲ ଏବଂ ୱାଶିଂଟନ ସୁନ୍ଦରଙ୍କ ଚମତ୍କାର ବୋଲିଂ ମ୍ୟାଚ୍‌କୁ ଭାରତ ଆଡ଼କୁ ଆଣିଦେଇଥିଲା। ଭାରତ ପାଇଁ ୱାଶିଂଟନ ସୁନ୍ଦର ୨ ଓଭରରେ ୧୩ ରନ୍ ଦେଇ ସର୍ବାଧିକ ୨ଟି ୱିକେଟ୍ ନେବାରେ ସଫଳ ହୋଇଥିଲେ। ଶେଷ ଓଭରରେ ଜାପାନକୁ ଜିତିବା ପାଇଁ ୬ଟି ବଲରେ ମାତ୍ର ୮ ରନ୍ ଆବଶ୍ୟକ ଥିଲା। ଏହି ଓଭରରେ ଅକ୍ଷର ପଟେଲ ଅତ୍ୟନ୍ତ ଚମତ୍କାର ବୋଲିଂ କରିଥିଲେ, ଯାହା ଯୋଗୁଁ ମ୍ୟାଚ୍ ଶେଷ ବଲ୍ ପର୍ଯ୍ୟନ୍ତ ଯାଇଥିଲା। ଜାପାନକୁ ଜିତିବା ପାଇଁ ଶେଷ ବଲରେ ୪ ରନର ଆବଶ୍ୟକତା ଥିଲା କିନ୍ତୁ ଅକ୍ଷର ପଟେଲ ମାତ୍ର ଗୋଟିଏ ରନ୍ ଦେଇଥିଲେ। ଏହା ସହିତ ଭାରତ ଏହି ରୋମାଞ୍ଚକର ମ୍ୟାଚକୁ ଦୁଇ ରନରେ ଜିତିବାରେ ସଫଳ ହୋଇଥିଲା।

ଟିମ୍ ଇଣ୍ଡିଆ ଏହି ବିଜୟ ସହିତ ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଦେଇଛି। ଦଳ ଟି୨୦ କ୍ରିକେଟ୍ ଇତିହାସରେ ୨୦୦ଟି ମ୍ୟାଚ୍ ଜିତିଥିବା ପ୍ରଥମ ଦଳ ପାଲଟିଛି। ଏହାପୂର୍ବରୁ ଭାରତ ୧୯୯ଟି ମ୍ୟାଚ୍ ଜିତିଥିଲା ଏବଂ ଜାପାନକୁ ହରାଇବା ମାତ୍ରେ ହିଁ ଦଳର ବିଜୟର ଦ୍ୱିଶତକ ପୂରଣ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଟିମ୍ ଇଣ୍ଡିଆର ପ୍ରଥମ ବିଜୟ ୨୦୦୬ ମସିହାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆସିଥିଲା। ଏହି ମ୍ୟାଚ୍‌ରେ ଭାରତୀୟ ଦଳ ୬ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକା ଦଳକୁ ପରାସ୍ତ କରିଥିଲା ଏବଂ ବିଗତ ୨୦ ବର୍ଷ ମଧ୍ୟରେ ଦଳ ୨୦୦ଟି ବିଜୟର ମାଇଲଖୁଣ୍ଟ ଛୁଇଁସାରିଛି।

ଶ୍ରୀଲଙ୍କାକୁ ୧୬-୧ ଗୋଲରେ ହରାଇଲା ଭାରତୀୟ ପୁରୁଷ ହକି ଦଳ

ଶିପୁ



ଭାରତୀୟ ପୁରୁଷ ହକି ଦଳ ଚଳିତ ଏସୀୟ କ୍ରୀଡ଼ାରେ ଦବ୍‌ଦବା ଜାରି ରଖି ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ପୁଲ୍-ଏ'ର ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୧୩-୧ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ମଙ୍ଗଳବାର ୧୬-୧ ବଡ଼ ବ୍ୟବଧାନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଗତ ସଂସ୍କରଣ ବିଜେତା ଭାରତ ମ୍ୟାଚ୍‌ର ୪ଟି ଯାକ କ୍ୱାର୍ଟରକୁ ନିଜ ନିୟନ୍ତ୍ରଣରେ ରଖିଥିଲା ବେଳେ ଏହାର ୮ ଜଣ ଖେଳାଳି ଗୋଲ୍ କରିବାକୁ ସକ୍ଷମ ହୋଇଥିଲେ। ଯୁଗରାଜ ସିଂହଙ୍କ ୪ ଗୋଲ୍ ଦେଇଥିଲା ବେଳେ ଅଭିଷେକ ଓ ଦିଲପ୍ରୀତ ସିଂହ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ।

ମ୍ୟାଚ୍‌ର ପଞ୍ଚମ ମିନିଟ୍‌ରେ ମନଦୀପ ସିଂହଙ୍କ ଗୋଲ୍‌ରେ ଭାରତ ଅଭିଯାନ ଆରମ୍ଭ କରିଥିଲା। ୧୦ ଓ ୧୧ ମିନିଟ୍‌ରେ ଯୁଗରାଜ ଓ ଅଭିଷେକ ଗୋଟିଏ ଲେଖାଏଁ ଗୋଲ୍ କରି ଦଳକୁ ୩-୦ରେ ଆଗରେ ରଖିଥିଲେ। ୧୬ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଅଧିନାୟକ ହରମନ୍‌ପ୍ରୀତ ସିଂହ ସ୍କୋର୍‌ସିଟ୍‌ରେ ଯୋଡ଼ି ହୋଇଥିଲେ। ଏହାପରେ ଅଭିଷେକ (୧୭ ମିନିଟ୍), ଯୁଗରାଜ (୨୨ ମିନିଟ୍), ସୁଖଜିତ ସିଂହ (୨୯ ମିନିଟ୍) ଓ ଦିଲପ୍ରୀତ ସିଂହ (୩୦ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇ ପ୍ରଥମାର୍ଦ୍ଧରେ ଦଳକୁ ୮-୦ରେ ଅଗ୍ରଣୀ ଦେଇଥିଲେ। ତୃତୀୟ କ୍ୱାର୍ଟର ଆରମ୍ଭରୁ ବି ଜାପାନକୁ ଚାପରେ ରଖିଥିଲା ଭାରତ।

ଏହି କ୍ୱାର୍ଟରରେ ମନ୍‌ପ୍ରୀତ ସିଂହ (୩୧ ମିନିଟ୍), ବିବେକ ସାଗର ପ୍ରସାଦ (୩୬ ମିନିଟ୍), ଦିଲପ୍ରୀତ (୩୮ ମିନିଟ୍), ଯୁଗରାଜ (୪୨ ମିନିଟ୍) ଓ ହରମନ୍‌ପ୍ରୀତ (୪୫ ମିନିଟ୍) ଗୋଲ୍‌ରେ ଭାରତ ସ୍ଥିତି ୧୩-୦ କରିଥିଲା। ଶେଷ କ୍ୱାର୍ଟରରେ ଅଭିଷେକ (୪୯ ମିନିଟ୍) ହ୍ୟାଟ୍ରିକ୍ ଅର୍ଜନ କରିଥିଲା ବେଳେ ଶ୍ରୀଲଙ୍କାର ସୁରେଶ ରଥନାୟକେ (୫୦ ମିନିଟ୍) ଗୋଟିଏ ଗୋଲ୍ ଶୁଝିଥିଲେ। ଏହାପରେ ଯୁଗରାଜ (୫୩ ମିନିଟ୍) ପେନାଲ୍‌ଟି ଷ୍ଟ୍ରୋକ୍‌କୁ ଗୋଲ୍‌ରେ ପରିଣତ କରି ୪ଟି ଗୋଲ୍ ଦେବାର ସଫଳତା ପାଇଥିଲେ। ବେଳେ ଦିଲପ୍ରୀତ (୫୫ ମିନିଟ୍) ଫିଲ୍ଡ ଗୋଲ୍ ଦେଇ ନିଜର ହ୍ୟାଟ୍ରିକ୍ ପୂରଣ କରିଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ୍ ଗୁରୁବାର ଦକ୍ଷିଣ କୋରିଆକୁ ଭେଟିବ।

ସାହାଣୀ କପ ଫୁଟବଲ ଚାମ୍ପିଅନ୍‌ସିପ୍ ପାଇଁ ମୟୂରଭଞ୍ଜ ଦଳ ଘୋଷିତ



ବାରିପଦା, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ବରିଷ୍ଠ ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ 'ସାହାଣୀ' କପ୍‌ରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ୨୦ ଜଣିଆ ଦଳ ଘୋଷିତ ହୋଇଯାଇଛି। ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଚାମ୍ପିଅନସିପରେ ମୟୂରଭଞ୍ଜ ଦଳର ଅଧିନାୟକ ରାଇସେନ ଟୁଡୁଙ୍କ ସମେତ ବାଗରାଇ ହେମ୍ବ୍ରମ୍, ଜୀବନ ବାସ୍କେ, ବିକ୍ରମ ହାଁସଦା, ଶୁଶିଲ ହେମ୍ବ୍ରମ, ଆୟୁଷ ବେସାନ, ଆଲୋକ ମୁର୍ମୁ, ରାମଚନ୍ଦ୍ର ବେସ୍ରା, ବାପୁନ ମାର୍ଣ୍ଡି, ବିଶ୍ୱଜିତ ହେମ୍ବ୍ରମ, ଜଗନ୍ନାଥ କିସ୍କୁ, ମାନଚିତ୍ର ମାର୍ଣ୍ଡି, ବଳଭଦ୍ର ସିଂ, ସୁନାରାମ ମୁର୍ମୁ, ବିକାଶ ନାଏକ, ରଘୁନାଥ ସୋରେନ, ଗଣେଶ ସୋରେନ, ମହେଶ କୁମାର ହୋନାଗା, ବାବୁଲି ନାଏକ, ସୁମନ୍ତ କୁମାର ମାର୍ଣ୍ଡି ସାମିଲ ଥିବା ବେଳେ କୋଚ୍ ଭାବେ ଜିତୁରାମ ଟୁଡୁ ଓ ମ୍ୟାନେଜର ଭାବେ ମାସଙ୍ଗ ଟୁଡୁ ଦଳ ସହିତ ଗସ୍ତ କରିଛନ୍ତି। ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, ଗଣମା

32 YEARS
ସମୟ କଣ୍ଠିକା
ଭୁବନେଶ୍ୱର, ୨୩ସେପ୍ଟେମ୍ବର, ୨୦୨୬ ବୁଧବାର



ପାରିବାରିକ ଝଗଡାରୁ ନାବାଳକଙ୍କ ଆତ୍ମହତ୍ୟା ଉଦ୍ୟମ

ସିପିଆର୍ ଦେଇ ଜୀବନ ବଞ୍ଚାଇଲେ କର୍ମଚାରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ପିତାମାତାଙ୍କ ମଧ୍ୟରେ ଝଗଡାକୁ ନେଇ ମାନସିକ ଭାବେ ଅସ୍ଥିର ହୋଇପଡିଥିବା ଜଣେ ୧୪ ବର୍ଷୀୟ ନାବାଳକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଲକ୍ଷ୍ମୀସାଗର ଥାନା ମହାଦେବ ନଗର ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି । ହେଲେ ପିସିଆର୍ କର୍ମଚାରୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ନାବାଳକଟି ନିଶ୍ଚିନ୍ତ ରୂପରେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି । ମିଳିଥିବା ସୂଚନା ଅନୁସାରେ ମହାଦେବ ନଗର ଅଞ୍ଚଳରେ ରହୁଥିବା ଦମ୍ପତ୍ତିଙ୍କ ମଧ୍ୟରେ ଝଗଡା ହୋଇଥିଲା । ଏହାକୁ ନେଇ ୧୪ ବର୍ଷୀୟ ନାବାଳକ ମାନସିକ ଅଶାନ୍ତିରେ ଥିଲେ । ନାବାଳକ ଜଣକ ଘର ଭିତରେ ନିଜକୁ ବନ୍ଦ କରି ଦେଇଥିଲେ । ଏହାପରେ ବେକରେ କପଡା ଲଗାଇ ଝୁଲିପଡି ଜୀବନ ହାରିବାକୁ ଉଦ୍ୟମ କରିଥିଲେ ।ବାପାମାଆ କବାଟ ବାଡେଇବାପରେ ମଧ୍ୟ ଭିତରୁ କୌଣସି ଉତ୍ତର ମିଳିନଥିଲା । ଖବରପାଇ ପିସିଆର-୮ର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ପିସିଆର ଇନଚାର୍ଜ ତଥା ହାବିଲଦାର ହରପ୍ରସାଦ ଶ୍ରୀଚନ୍ଦନ କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ । ନାବାଳକକୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ । ଶ୍ରୀ ଶ୍ରୀଚନ୍ଦନ ତୁରନ୍ତ ସିପିଆର୍ (କାର୍ଡିଓପଲମୋନାରି ରିସିସିଟେସନ୍)ଦେଇ ନାବାଳକର ଚେତା ଫେରାଇ ଆଣିଥିଲେ । ଏହାପରେ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା । ବର୍ତ୍ତମାନ ତାଙ୍କୁ ଡାକ୍ତରଖାନାରେ ଅଧିକ ଚିକିତ୍ସା ଓ ନୀରିକ୍ଷଣରେ ରଖାଯାଇଛି । ହାବିଲଦାର ହରପ୍ରସାଦ ଶ୍ରୀଚନ୍ଦନ ଓ ପିସିଆର୍-୮ ଟିମର ତ୍ୱରିତ ଓ ସାହସିକ ପଦେକ୍ଷପ ନେଇ ନାବାଳକଙ୍କ ଜୀବନ ବଞ୍ଚାଇଥିବାରୁ ତାଙ୍କୁ ପୁଲିସ୍ କମିଶନର କୃତଜ୍ଞତା ଜଣାଇଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସାରା ରାଜ୍ୟରେ...

ଛୋଟ ଗଛ ଡାଳ ଭାଙ୍ଗିବ, ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେବ ବୋଲି ଆଇଏମ୍‌ଡି ଡିଜି ଆକଳନ କରିଛନ୍ତି । ପଶ୍ଚିମ-କେନ୍ଦ୍ରୀୟ ଏବଂ ଏହାର ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଉତ୍ତର ଏବଂ ଦ୍ରାଘିମା ୮୬.୦ଡିଗ୍ରୀ ପୂର୍ବ ନିକଟରେ କେନ୍ଦ୍ରୀଭୂତ ହୋଇଛି । ଏହା ଗୋପାଳପୁର (ଓଡ଼ିଶା)ର ଦକ୍ଷିଣ-ପୂର୍ବରେ ପ୍ରାୟ ୨୦୦ କିମି, କଳିଙ୍ଗପଟ୍ଟନମ୍ (ଆନ୍ଧ୍ରପ୍ରଦେଶ)ର ପୂର୍ବ-ଦକ୍ଷିଣପୂର୍ବରେ ୨୦୦ କିମି, ପୁରୀ (ଓଡ଼ିଶା)ର ଦକ୍ଷିଣରେ ୨୧୦ କିମି ଏବଂ ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ)ର ପୂର୍ବରେ ୨୯୦ କିମି ଦୂରରେ ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଆଗାମୀ ୧୨ ଘଣ୍ଟା ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହେବାର ବହୁ ସମ୍ଭାବନା ରହିଛି । କ୍ରମାଗତ ଭାବେ ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଏହା ଏକ ଗଭୀର ଅବପାତ ରୂପେ ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ବିଶାଖାପାଟଣା ଏବଂ ଗୋପାଳପୁର ମଧ୍ୟବର୍ତ୍ତୀ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଉପକୂଳ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାରେ ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଶୋକ ପ୍ରସ୍ତାବ...

ପ୍ରଶ୍ନୋତ୍ତର ସମେତ ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପାଦିତ ହୋଇପାରିନଥିଲା । ପୂର୍ବାହ୍ନ ୧୧ଟାରେ ପ୍ରଥମେ 'ବନ୍ଦେ ମାତରମ୍' ଏବଂ 'ଜନଗଣ ମନଅଧି' ଜାରତୀୟ ସଙ୍ଗୀତ ପରିବେଷଣ ମଧ୍ୟରେ ବାଚସ୍ପତି ସୁରମା ପାତ୍ରୀ ଶୋକ ପ୍ରସ୍ତାବ ଆଗତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଡାକିଥିଲେ । ତଦନୁସାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦିବଂଗତ ପୂର୍ବତନ ମନ୍ତ୍ରୀ ଉମ୍ବରୁ ମାଝୀ, ସୁଶାନ୍ତ ସିଂହ, ପୂର୍ବତନ ସରକାରୀ ମୁଖ୍ୟ ସଚେତକ ସତ୍ୟଭୂଷଣ ସାହୁ, ପୂର୍ବତନ ସଦସ୍ୟ ରାମମୂର୍ତ୍ତି ଗମାଙ୍ଗ, ହାଜି ମହମ୍ମଦ ଆୟୁବ ଖାନ୍, ଶିବାଜୀ ମାଝୀ ଏବଂ ସଂପ୍ରତି ନେପାଳରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ବିପତ୍ତିରେ ବହୁ ବ୍ୟକ୍ତିବିଶେଷଙ୍କର ଅମୂଲ୍ୟ ଜୀବନହାନୀ ଘଟିଥିବାରୁ ଗୃହରେ ଶୋକ ପ୍ରସ୍ତାବ ଆଗତ କରିବା ସହ ସେମାନଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରି ସ୍ମୃତିଚାରଣ କରିଥିଲେ ଏବଂ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଅନୁରୂପ ଭାବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ ବିଧାୟକ ଦଳ ନେତା ଲକ୍ଷ୍ମଣ ମୁଣ୍ଡା ଏବଂ ଶେଷରେ ବାଚସ୍ପତି ଶ୍ରୀମତୀ ପାତ୍ରୀ ଦିବଂଗତଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ପରେ ଗୃହରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଦିବଂଗତଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଲୋଚନା ପାରିତ ହେବା କ୍ଷଣି ବିରୋଧୀ ଦଳର ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲିଆସି ନାରାବାଜି ଆରମ୍ଭ କରିଦେଇଥିଲେ । ଏମ୍‌ଏମ୍‌ଡିଆର ଆକ୍ଟ ପ୍ରତ୍ୟାହାର ଦାବି କରି କଂଗ୍ରେସ ବିଧାୟକମାନେ ଗୃହ ମଝିରେ ସ୍ଲୋଗାନ ଦେଉଥିବା ବେଳେ ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ପାଠ୍ୟପୁସ୍ତକ ତ୍ରୁଟିର ପ୍ରତିବାଦରେ ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ପୋଷ୍ଟର ପ୍ରଦର୍ଶନ କରିଥିଲେ । ଏଥିଯୋଗୁ ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା । ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଶ୍ରୀମତୀ ପାତ୍ରୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇବାକୁ ଉଦ୍ୟମ କରିଥିଲେ । ପଞ୍ଚାୟତିରାଜ ବିଭାଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଡାକିଥିଲେ । ହଟ୍ଟଗୋଳ ଭିତରେ ମନ୍ତ୍ରୀ ରବି ନାୟକ ଉତ୍ତର ପଢୁଥିବା ସମୟରେ ହଟ୍ଟଗୋଳ ନାରାବାଜି ଜୋର ଧରିବାରୁ ବାଚସ୍ପତି ଶ୍ରୀମତୀ ପାତ୍ରୀ ଗୃହକୁ ଦିନ ୧ଟା ୧୦ ପର୍ଯ୍ୟନ୍ତ ମୁଲତବୀ କରିଥିଲେ । ଏହାପରେ ଗୃହରେ ଅନୁରୂପ ଅବସ୍ଥା ଜାରି ରହିବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ କରିଥିଲେ ।ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ୍ୟ ବିରୋଧୀ ଦଳର ବିଧାୟକମାନେ ସେମାନଙ୍କର ହଟ୍ଟଗୋଳ ଓ ନାରାବାଜି ଜାରି ରଖିଥିଲେ । ତାରି ମଧ୍ୟରେ ଉପବାଚସ୍ପତି ଶ୍ରୀ ଭୋଇ ବିଧାନସଭା କାର୍ଯ୍ୟସୂଚୀ ମୁତାବକ କାଗଜାତ୍, ଅଧ୍ୟାଦେଶ ଓ ବିଲ୍ ଉପସ୍ଥାପନ ପାଇଁ ଅନୁମତି ଦେଇଥିଲେ । ହଟ୍ଟଗୋଳ ମଧ୍ୟରେ ୫ଟି ସରକାରୀ ବିଲ୍ ଗୃହରେ ଉପସ୍ଥାପନ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓଡ଼ିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଓ ନିୟୋଜନ କର (ନିରସନ) ଅଧ୍ୟାଦେଶ ୨୦୨୬ ଆଗତ କରିଥିବା ବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ୨୦୨୬ ଆଗତ କରିଥିଲେ । ସେହିପରି ଓଡ଼ିଶା ଦ୍ରବ୍ୟ ଓ ସେବା କର (ସଂଶୋଧନ) ବିଲ୍‌କୁ ଶ୍ରୀ ହରିଚନ୍ଦନ ଆଗତ କରିଥିବା ବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ) ବିଲ୍ ୨୦୨୬, ଆଇନ୍ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓଡ଼ିଶା ରଦ୍ଦକରଣ ବିଲ୍ ୨୦୨୬, ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ସଂଶୋଧନ)ବିଲ୍ ୨୦୨୬ ଏବଂ ମତ୍ସ୍ୟ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଓଡ଼ିଶା ସାମୁଦ୍ରିକ ମାଛଧରା (ନିଷେଧ ଓ ନିୟନ୍ତ୍ରଣ) ବିଲ୍ ୨୦୨୬ ଗୃହରେ ଉପସ୍ଥାପନ କରିଥିଲେ । ଅନ୍ୟପକ୍ଷରେ ବିରୋଧୀ ଦଳ ବିଧାୟକମାନଙ୍କ ହଟ୍ଟଗୋଳ ଜାରି ରହିବାରୁ ଉପବାଚସ୍ପତି ଶ୍ରୀ ଭୋଇ ଗୃହକୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ କରିଥିଲେ ।

ବନ୍ଦେ ମାତରମର ...

ସଙ୍ଗୀତଶିଳ୍ପୀ ଟି.ଏମ୍. କୃଷ୍ଣ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି । ୨୦୨୬ରେ ସଂଶୋଧିତ ଆଇନର ଧାରା ୩କୁ ସେ ଚ୍ୟାଲେଞ୍ଜ କରିଛନ୍ତି । ଏହି ସଂଶୋଧନ ଅନୁସାରେ ବନ୍ଦେ ମାତରମ୍ ଗାଇବାକୁ ଜାଣିଶୁଣି ବାଧା ଦେବା କିମ୍ବା ଏହା ଗାଉଥିବା ସଭାରେ ବିଶୃଙ୍ଖଳା ସୃଷ୍ଟି କରିବା ଅପରାଧ ଏବଂ ଏଥିପାଇଁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍, ଜରିମାନା କିମ୍ବା ଉଭୟର ବ୍ୟବସ୍ଥା ରହିଛି । ବିଚାରପତି ଜୟମାଲ୍ୟ ବାଗଚୀ ଶୁଣାଣି ସମୟରେ ୧୯୮୬ର 'ବିଜୋଏ ଇମାନୁଏଲ୍ ବନାମ କେରଳ' ମାମଲାରେ ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲେଖ କରିଥିଲେ । ସେହି ରାୟରେ ଧାର୍ମିକ ବିଶ୍ୱାସ କାରଣରୁ ଜାତୀୟ ସଙ୍ଗୀତ ନ ଗାଉଥିବା ଛାତ୍ରଛାତ୍ରୀଙ୍କ ଅଧିକାରକୁ ସୁରକ୍ଷା ଦିଆଯାଇଥିଲା । ବିଚାରପତି ବାଗଚୀ କହିଥିଲେ, ସେହି ରାୟରେ ଘୋଷିତ ଆଇନ ଏପର୍ଯ୍ୟନ୍ତ ବଦଳିନାହିଁ । ତେଣୁ ବିବେକାଧୀନ ଆପତ୍ତି ରଖୁଥିବା ବ୍ୟକ୍ତି ବନ୍ଦେ ମାତରମର ଗୋଟିଏ ବା ସମସ୍ତ ପଦ ନ ଗାଇଲେ ତାଙ୍କ ବିରୋଧରେ ଆପରାଧିକ ମାମଲା ହେବା ଉଚିତ ନୁହେଁ ବୋଲି ସେ ସଙ୍କେତ ଦେଇଥିଲେ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି । କୃଷ୍ଣଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍. ମୁରଲୀଧର ମାମଲା ପରିଚାଳନା କରୁଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ଯୁକ୍ତି ରଖିଥିଲେ । ଶୁଣାଣି ସମୟରେ ମୁରଲୀଧର ଓ ମେହେଟ୍ଟାଙ୍କ ମଧ୍ୟରେ 'ନକ୍ସଲ' ଶବ୍ଦ ବ୍ୟବହାରକୁ ନେଇ ତୀବ୍ର ବାକବିତଣ୍ଡା ମଧ୍ୟ ହୋଇଥିଲା । ତେବେ ଖଣ୍ଡପୀଠ କହିଥିଲେ ଯେ ମାମଲାର ସାମ୍ବିଧାନିକ ପ୍ରସଙ୍ଗ ଉପରେ ହିଁ ଧ୍ୟାନ ଦିଆଯିବ । ବନ୍ଦେ ମାତରମର ଛଅଟି ପଦ ଗାଇବା ବା ନଗାଇବାର ପ୍ରଶ୍ନ ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଏହା ଉପରେ କେନ୍ଦ୍ରର ଜବାବ ମିଳିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

ଅନନ୍ତ ନାଗଙ୍କୁ ମିଳିଲା...

ବରିଷ୍ଠ ଅଭିନେତା ମାମୁଟ୍ଟି ଏବଂ କାର୍ତ୍ତିକ ଆର୍ୟନଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାରରେ ସାମ୍ମାନିତ କରାଯାଇଥିଲା । ମାମୁଟ୍ଟିଙ୍କୁ 'ବ୍ରମାୟୁଗମ' ପାଇଁ ଏବଂ କାର୍ତ୍ତିକ ଆର୍ୟନଙ୍କୁ 'ଚନ୍ଦୁ ଚାମ୍ପିଅନ' ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଅମ୍ରାନ ଚଳଚ୍ଚିତ୍ରରେ ବଳିଷ୍ଠ ନିର୍ଦ୍ଦେଶନା ପାଇଁ ରାଜ କୁମାର ପେରିଆସାମୀଙ୍କ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ମିଳିଥିବା ବେଳେ କଲ୍‌କି ୨୮୯୮ ଏଡିକୁ ଶ୍ରେଷ୍ଠ ମନୋରଞ୍ଜନଧର୍ମୀ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା । ଅନୁରୂପ ଭାବେ ପୁଷ୍ପା-୨, ସ୍ତ୍ରୀ-୨, ମହାରାଜା ଆଦି ଫିଲ୍ମକୁ ବିଭିନ୍ନ ବର୍ଗରେ ପୁରସ୍କୃତ କରାଯାଇଥିଲା । ରାଜଧାନୀ ନୂଆଦିଲ୍ଲୀ ବାହାରେ ଏହା ଥିଲା ପ୍ରଥମ ଚଳଚ୍ଚିତ୍ର ପ୍ରଦାନ ଉତ୍ସବ ।

ବେଦାନ୍ତ ଆଲୁମିନିୟମକୁ ଆଇବାସ୍ ୨୦୨୬ରେ ଦୁଇଟି ଶ୍ରେଷ୍ଠ ପ୍ରବନ୍ଧ ପୁରସ୍କାର

ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ
ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ ଅନୁଷ୍ଠିତ ୧୪ତମ ଆନ୍ତର୍ଜାତୀୟ ବକ୍ସାଇଟ୍, ଆଲୁମିନା ଓ ଆଲୁମିନିୟମ ସମ୍ମିଳନୀ ଏବଂ ପ୍ରଦର୍ଶନୀ 'ଆଇବାସ୍ ୨୦୨୬'ରେ ନିଜର ଗବେଷଣା, ନବସୃଜନ ଓ ବୈଷୟିକ ଦକ୍ଷତା ପ୍ରଦର୍ଶନ କରିଛି । କମ୍ପାନୀ ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲୀକରଣ, ଆଲୁମିନା ଶୋଧନ, ଆଲୁମିନିୟମ ଗଳନ, ସ୍ଥାୟୀତ୍ୱ, ମିଶ୍ରଧାତୁ ବିକାଶ, ସମ୍ପଦ ପୁନରୁଦ୍ଧାର ଓ କାର୍ଯ୍ୟକ୍ଷମତା ବୃଦ୍ଧି ଭଳି ପ୍ରମୁଖ କ୍ଷେତ୍ରରେ ୨୪ଟି ବୈଷୟିକ ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା । ଏହି ବୈଷୟିକ ଅବଦାନ ମାଧ୍ୟମରେ ଆଲୁମିନିୟମ ମୂଲ୍ୟଶୃଙ୍ଖଳାରେ ଉତ୍ପାଦନ ଉତ୍କର୍ଷ, ସମ୍ପଦର ଦକ୍ଷ ବ୍ୟବହାର ଏବଂ ନୂତନ ପିଢ଼ିର ପ୍ରଯୁକ୍ତି ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି । 'ଗ୍ଲୋବାଲ୍ ଆଲୁମିନିୟମ ଆଉଟଲୁକ୍ ୨୦୩୦: ସୁରକ୍ଷିତ ସମ୍ପଦ, ଦକ୍ଷ ଶକ୍ତି ବ୍ୟବହାର ଓ ବର୍ଜ୍ୟରୁ ମୂଲ୍ୟ ସୃଷ୍ଟି' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀ ଆଲୁମିନିୟମ କ୍ଷେତ୍ର ସହ ଜଡ଼ିତ ଶିଳ୍ପପତି, ଗବେଷକ, ପ୍ରଯୁକ୍ତି ଯୋଗାଣକାରୀ, ନୀତି ନିର୍ମାତା ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏକାଠି କରିଥିଲା । ସମ୍ପଦ ସୁରକ୍ଷା ସୁଦୃଢ଼ କରିବା, ଶକ୍ତିର ଦକ୍ଷ ବ୍ୟବହାର ବଢ଼ାଇବା ଏବଂ ପରିପତ୍ର ଅର୍ଥନୀତି ମାଧ୍ୟମରେ ବର୍ଜ୍ୟରୁ ଅଧିକ ମୂଲ୍ୟ ସୃଷ୍ଟି ନେଇ ସମ୍ମିଳନୀରେ ଆଲୋଚନା ହୋଇଥିଲା । ବେଦାନ୍ତ ଆଲୁମିନିୟମର ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ଉପ୍ପାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୁମିନିୟମ କ୍ଷେତ୍ରରେ ଉଦୀୟମାନ ସୁଯୋଗ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ମୂଲ୍ୟଶୃଙ୍ଖଳା ଗଠନର ଗୁରୁତ୍ୱ ଉପରେ ମତ ରଖିଥିଲେ । ସେ କହିଥିଲେ, ବିଦ୍ୟୁତ୍ଚାଳିତ ଯାନ, ଅକ୍ଷୟ ଶକ୍ତି, ଭିତ୍ତିଭୂମି ଓ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ଚାହିଦା ବଢୁଥିବାରୁ ଦୃଢ଼, ପ୍ରଯୁକ୍ତିନିର୍ଭର ଓ ମୂଲ୍ୟବର୍ଦ୍ଧିତ ପରିବେଶ ଗଠନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ବେଦାନ୍ତ ଆଲୁମିନିୟମ ସମ୍ପଦ ଓ ଶୋଧନଠାରୁ ଆରମ୍ଭ କରି ଡିଜିଟାଲ କାର୍ଯ୍ୟପ୍ରଣାଳୀ, ପରିପତ୍ର ଅର୍ଥନୀତି ଓ ଡାଉନ୍‌ଷ୍ଟ୍ରିମ୍ ଉତ୍ପାଦନ ପର୍ଯ୍ୟନ୍ତ ମୂଲ୍ୟଶୃଙ୍ଖଳାର ପ୍ରତ୍ୟେକ ସ୍ତରକୁ ସୁଦୃଢ଼ କରୁଛି ବୋଲି ସେ କହିଥିଲେ ।



ରୁଙ୍ଗଟା ମହୁଲସୁଖା ଖଣିକୁ ରିଓ ଟିଣ୍ଟୋ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ସମ୍ମାନ

ଯୋଡା, ନ୍ୟୁଜ ବ୍ୟୁରୋ
ରୁଙ୍ଗଟା ସନ୍‌ସ୍ ପ୍ରାଇଭେଟ୍ ଲିମିଟେଡ୍‌ର ମହୁଲସୁଖା ଲୁହାପଥର ଏବଂ ମାଙ୍ଗାନିଜ୍ ଖଣିକୁ (ଫିମି) ପକ୍ଷରୁ ସ୍ୱାସ୍ଥ୍ୟ ଓ ନିରାପତ୍ତା କ୍ଷେତ୍ରରେ ପୁରସ୍କାର ପ୍ରଦାନ କରାଯାଇଛି । ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ମିନେରାଲ୍ ପ୍ରାଇଭେଟ୍ ଇଣ୍ଡଷ୍ଟ୍ରିଜ୍ (ଫିମି) ପକ୍ଷରୁ ୬୦ ତମ ଉତ୍ସରେ ମହୁଲସୁଖା ଲୁହାପଥର ଏବଂ ମାଙ୍ଗାନିଜ୍ ଖଣିକୁ ୨୦୨୫-୨୬ ନିମନ୍ତେ 'ରିଓ ଟିଣ୍ଟୋ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ପୁରସ୍କାର ଦିଆଯାଇଛି । କର୍ମଚାରୀ ଏବଂ ଲୋକମାନଙ୍କର ସ୍ୱାସ୍ଥ୍ୟ ଏବଂ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ଦିଗରେ କମ୍ପାନୀର ପ୍ରୟାସକୁ ଏହି ପୁରସ୍କାର ମାଧ୍ୟମରେ ସମ୍ମାନିତ କରାଯାଇଛି । ମଙ୍ଗଳବାରରେ ନୂଆଦିଲ୍ଲୀର ହାୟାତ୍ ରେଜେନ୍ସି ଠାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହ ଆୟୋଜିତ ହୋଇଥିଲା । ଏହି ଅବସରରେ କମ୍ପାନୀ ପକ୍ଷରୁ ମାନବ ସମ୍ବଳ ଓ ସିଏସ୍‌ଆର୍ ବିଭାଗର ମୁଖ୍ୟ ମହା ପ୍ରବନ୍ଧକ ଲଳିତ ନାରାୟଣ ରାଉତ ଏବଂ ପିଆଣ୍ଡସିର ବରିଷ୍ଠ ମହା ପ୍ରବନ୍ଧକ ଭାବଗ୍ରାହୀ ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ । ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସଚିବ କେଶବ ଚନ୍ଦ୍ର ମୁଖ୍ୟ ଅତିଥି ଏବଂ ଅତିରିକ୍ତ ସଚିବ ଡକ୍ଟର ବୀଣା କୁମାରୀ ଡି.ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ । ଏହି ସମାରୋହରେ



ଫିମିର ସଭାପତି ଶାନ୍ତେଶ ଗୁରେଡ୍ଡି, ଫିମିର ଉପ ସଭାପତି ପ୍ରବୋଧ ମହାନ୍ତି ଓ ପ୍ରଧାନ ସଚିବ ପ୍ରମୋଦ ତ୍ୟାଗୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ଏହା ବ୍ୟତୀତ, ଖଣିର ଉତ୍କର୍ଷ ପ୍ରଦର୍ଶନ ଏବଂ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକାର କରି ରୁଙ୍ଗଟା ସନ୍‌ସ୍ ପ

ସମୟ ଧ୍ୱନି

ଭୁବନେଶ୍ୱର, ୨୩ ସେପ୍ଟେମ୍ବର, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ସମ୍ପନ୍ନ

ଶୟନ ବେଳେ କଡ଼ ଲେଉଟାଇଲେ ମହାପ୍ରଭୁ



ପୁରୀ,୨୨/୦୯ ନ୍ୟୁଜ ବ୍ୟୁରୋ

ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନୀତି ହୋଇଛି । ଶ୍ରୀମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ପାର୍ଶ୍ୱ ପରିବର୍ତ୍ତନ ଯାତ୍ରା ଅନ୍ୟତମ। ଶ୍ରୀହରିଙ୍କ ୪ ମାସ ଶୟନ କାଳରୁ ୨ମାସରେ ପାର୍ଶ୍ୱ ପରିବର୍ତ୍ତନ କରିଥିଲେ ଠାକୁରେ । ମଙ୍ଗଳବାର ଭୋଗମଣ୍ଡପ ଶେଷ ପରେ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ନୀତି । ଶ୍ରୀବିଗ୍ରହଙ୍କ ଯାତ୍ରାଙ୍ଗୀ ମହାସ୍ନାନ ଓ ଘଣ୍ଟଛତା ସର୍ବାଙ୍ଗ ବଢ଼ିଥିଲା। ଏଥିସହ ଦ୍ୱାଦଶ ଯାତ୍ରା ବନ୍ଦାପନା ହୋଇଥିଲା। ରାତିରେ ଏକାଦଶୀ ବେଢ଼ାକୁ ମଦନମୋହନ ବିଜେ କରିଥିଲେ। ଠାକୁରଙ୍କ ବଡ଼ସିଂହାର ବେଶ ଓ ଭୋଗ ନୀତି ବଢ଼ି ଶୟନ ଦେବତାଙ୍କ ପାର୍ଶ୍ୱ ପରିବର୍ତ୍ତନ ନୀତି ହୋଇଥିଲା।

ଆଜି ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି

ପୁରୀ, ୨୨/୦୯
ନ୍ୟୁଜ ବ୍ୟୁରୋ

ବୁଧବାର ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ। ଏହି ନୀତିକୁ ଦୃଷ୍ଟିରେ ରଖି ଅପରାହ୍ନ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ମଧ୍ୟାହ୍ନ ଧୂପ ପରେ ଏହି କଟକଣା ଲାଗୁ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଜାରି ହୋଇଛି। ଭାଦ୍ରବ ମାସର ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିକୁ ଭଗବାନ ବିଷ୍ଣୁଙ୍କ ପଞ୍ଚମ ଅବତାର ବାମନଙ୍କ ଆବିର୍ଭାବ ଦିବସ ଭାବେ ପାଳନ କରାଯାଏ। ଏହି ଦିନକୁ ବାମନ ଜନ୍ମ ବା ବାମନ ଦ୍ୱାଦଶୀ ବୋଲି ମଧ୍ୟ କୁହାଯାଏ। ଏହି ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ।



ଭୁବନେଶ୍ୱର : ସପ୍ତଦଶ ବିଧାନସଭାର ସପ୍ତମ ତଥା ମୌସୁମୀ ଅଧିବେଶନରେ ଯୋଗ ଦେବା ପାଇଁ ଗୃହକୁ ପ୍ରବେଶ କରୁଛନ୍ତି ବାଚସ୍ପତି ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧି ଦଳ ନେତା ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

ଅକ୍ଟୋବରରେ ରାଇରଙ୍ଗପୁର ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ରାଇରଙ୍ଗପୁର, ୨୨/୦୯
ନ୍ୟୁଜ ବ୍ୟୁରୋ



ପୁଣି ଥରେ କିଛି ମାସ ବ୍ୟବଧାନରେ ରାଇରଙ୍ଗପୁର ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏଥର ମୟୂରଭଞ୍ଜ ଜିଲ୍ଲାରେ ଆୟୋଜିତ ମେଗା ଚକ୍ଷୁ ଚିକିତ୍ସା କ୍ୟାମ୍ପରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏ ନେଇ ସୂଚନା ଦେଇଛନ୍ତି ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ। ଆସନ୍ତା ଅକ୍ଟୋବର ୨୭ ଓ ୨୮ ତାରିଖରେ ଦୁଇ ଦିନିଆ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଇରଙ୍ଗପୁରଠାରେ ବିଶାଳ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହେବାକୁ ଯାଉଛି । ଆଖପାଖ ଜିଲ୍ଲା ତଥା ଅଞ୍ଚଳର ଶହ ଶହ ଚକ୍ଷୁ ରୋଗୀ ଉପକୃତ ହୋଇ ପାରିବେ। ଏହି ମେଗା ଚକ୍ଷୁ କ୍ୟାମ୍ପ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ନୂଆଦିଲ୍ଲୀରୁ ପ୍ରାୟ ୧୦୦ ଜଣ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ସାମିଲ ହୋଇ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର କାର୍ଯ୍ୟକ୍ରମ ରହିଛି । ରାଇରଙ୍ଗପୁର ସହରର ତିନୋଟି ସ୍ଥାନ ଯଥା ସଞ୍ଜୀବ ନେତ୍ରାଳୟ, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଓ ମହତାବ ଭବନରେ ମେଗା ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଅକ୍ଟୋବର ୨୭ ତାରିଖରେ ଏହି ମେଗା ଚକ୍ଷୁ ଶିବିରରେ ଯୋଗ ଦେବେ ବୋଲି ସୂଚନା ଦେଇଛନ୍ତି ମୟୂରଭଞ୍ଜ ଲୋକସଭା ସାଂସଦ ନବ ଚରଣ ମାଝୀ। ମୟୂରଭଞ୍ଜ ସାଂସଦ ଶ୍ରୀ ମାଝୀ ଆହୁରି କହିଛନ୍ତି ଯେ, 'ରାଷ୍ଟ୍ରପତି ନିଜର ଦୁଇ ଦିନିଆ ଗସ୍ତ ସାରି ଅକ୍ଟୋବର ୨୮ ତାରିଖରେ ନୂଆଦିଲ୍ଲୀ ଫେରିଯିବେ। ରାଇରଙ୍ଗପୁର ସହରର ତିନୋଟି ସ୍ଥାନରେ ଏହି ମେଗା ଚକ୍ଷୁ ପରୀକ୍ଷା କ୍ୟାମ୍ପ ଆୟୋଜିତ ହେବ।

ପାର୍ବଣ ଋତୁରେ ଡିଜେ ବାଜିବାକୁ ନେଇ ଚିନ୍ତା

ଗାଇଡ଼ଲାଇନ ଜାରି କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୨/୦୯
ନ୍ୟୁଜ ବ୍ୟୁରୋ



ପାର୍ବଣ ଋତୁରେ ଚିନ୍ତା ବଢ଼ାଇଛି ଡିଜେ ଏବଂ ଶବ୍ଦ ପ୍ରଦୂଷଣ। ତେବେ ଏହି ପ୍ରସଙ୍ଗକୁ ନେଇ ଦାୟର ହୋଇଥିବା ମାମଲାକୁ ଅତି ଗୁରୁତ୍ୱର ସହ ନେଇ ଏଥି ପାଇଁ ଗାଇଡଲାଇନ ପ୍ରଣୟନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ହାଇକୋର୍ଟ। ବିଶେଷକରି ଡିଜେ ଓ ଅନ୍ୟ ସାଉଣ୍ଡ ସିଷ୍ଟମ, ବାଦ୍ୟଯନ୍ତ୍ର ବ୍ୟବହାର ପ୍ରସଂଗରେ ଯଥାଶୀଘ୍ର ଗାଇଡ଼ଲାଇନ ଆଣିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରସଂଗରେ ୬ ସପ୍ତାହ ଭିତରେ ଗାଇଡଲାଇନ ଆଣିବା ପ୍ରସଙ୍ଗ ସୁନିଶ୍ଚିତ କରିବାକୁ ଜଗତସିଂହପୁର ସବ୍-ଡିଭିଜିନାଲ ମାଜିଷ୍ଟ୍ରେଟ (ଏସଡିଏମ)ଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଡିଜେ ବ୍ୟବହାର ଉପରେ କଟକଣା ପାଇଁ ଜଗତସିଂହପୁର ଏସଡିଏମ ଜାରି କରିଥିବା ୨୦୨୬, ସେପ୍ଟେମ୍ବର ୧୫ର ଆଦେଶନାମା ବିରୋଧରେ ଜଗନ୍ନାଥ ଟେଣ୍ଟ ଲାଇଟ ଆଣ୍ଡ ସାଉଣ୍ଡ ଓନର ଆସୋସିଏସନ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି ବେଳେ ସରକାରଙ୍କ ତରଫରୁ ଏଜିଏ ସର୍ବେଶ୍ୱର ବେହେରା ଦର୍ଶାଇଥିଲେ ଯେ ଡିଜେ ପାଇଁ ବୟସାଧିକ ଓ ଅସୁସ୍ଥ ବ୍ୟକ୍ତି ଅସୁବିଧାରେ ପଡୁଛନ୍ତି। ଡିଜେରୁ ବିକଟାଳ ଓ ପ୍ରଚଣ୍ଡ ଶବ୍ଦ ବାହାରୁଛି। ତେଣୁ ଡିଜେ ଉପରେ କଟକଣା ଜାରି କରି ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ଆଇନ ସମ୍ମତ ବୋଲି ସେ ଯୁକ୍ତିରେ ଦର୍ଶାଇଥିଲେ। ଅନ୍ୟପକ୍ଷରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ନିୟମ ଅନୁସାରେ ଓ ନିର୍ଦ୍ଧାରିତ ମାପଦଣ୍ଡ ଭିତରେ ଡିଜେ, ସାଉଣ୍ଡ ସିଷ୍ଟମ ବ୍ୟବହାର କରିବା ପାଇଁ ଅନୁମତି ଦିଆଯିବା ଉଚିତ। ସମାନ ପ୍ରସଂଗ ନେଇ ୨୦୨୪ରେ ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ଡିଜେରୁ ୬୫ ଡେସିବେଲରୁ ଅଧିକ ଶବ୍ଦ ବାହାରୁଥିବା ଦର୍ଶାଯାଇ ବିବାହ ଓ ଅନ୍ୟ ଶୋଭାଯାତ୍ରାରେ ଏହା ଉପରେ କଟକଣା ଜାରି କରାଯାଇଥିଲା। ସାଉଣ୍ଡ ସିଷ୍ଟମ ଓ ଅନ୍ୟ ବାଦ୍ୟଯନ୍ତ୍ର ବ୍ୟବହାର ପ୍ରସଂଗରେ ଆବଶ୍ୟକ ଗାଇଡଲାଇନ ଜାରି କରିବାକୁ ୨୦୨୪, ଅକ୍ଟୋବର ୩ରେ ହାଇକୋର୍ଟ ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ପାଳନ କରି କୌଣସି ଗାଇଡଲାଇନ ଜାରି କରାଯାଇ ନାହିଁ। ଅନ୍ୟପକ୍ଷରେ ୨୦୨୪ ଭଳି ସମାନ ଧରଣର କଟକଣା ଗଣେଶ ପୂଜା ଭସାଣି ପାଇଁ ଜାରି କରି ଗତ ସେପ୍ଟେମ୍ବର ୧୫ରେ ନିର୍ଦ୍ଦେଶନାମା ଏସଡିଏମ ପ୍ରଦାନ କରିଥିଲେ। ଓଡ଼ିଶା ଫାୟାର ୱାର୍କସ ଆଣ୍ଡ ଲାଉଡ ସ୍ପିକରସ୍ (ରେଗୁଲେସନ) ଆଇନ, ୧୯୫୮ ଅନୁସାରେ ଡିଜେ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ଡିଜେ ଉପରେ ସଂପୂର୍ଣ୍ଣ କଟକଣା ଜାରି କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଆବଶ୍ୟକ ଗାଇଡଲାଇନ ନ ଆଣି ଏପରି କଟକଣା ଜାରି କରାଯିବା ଉଚିତ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୨/୦୮/୨୦୨୬
୫,୬୦,୬୭୬/- ଟଙ୍କା
ସୁନା:- ୦୦ ଗ୍ରାମ୍ ୨୦୦ ମିଲିଗ୍ରାମ
ରୂପା:- ୨୮ ଗ୍ରାମ୍ ୮୦୦ ମିଲିଗ୍ରାମ

ଟ୍ରେନ ଦୁର୍ଘଟଣାରେ ଚାଲିଗଲା ଯୁବ ଡାକ୍ତରଙ୍କ ଜୀବନ

ଭୁବନେଶ୍ୱର, ୨୨।୯ ନ୍ୟୁଜ ବ୍ୟୁରୋ

ଟ୍ରେନ୍ ଧକ୍କାରେ ଚାଲିଗଲା ଯୁବ ଡାକ୍ତରଙ୍କ ଜୀବନ। ମୃତକ ଜଣକ ହେଲେ ଡେଣ୍ଟିଷ୍ଟ ଡାକ୍ତର ଅମୃତ ଜେନା। କଳାରାହାଙ୍ଗ ଲେଭଲ୍ କ୍ରସିଂ ନିକଟରେ ହୋଇଛି ଅଘଟଣ। ମଞ୍ଜେଶ୍ୱର ଥାନା ଅଞ୍ଚଳରେ ରହୁଥିଲେ ଡାକ୍ତର ଅମୃତ ଜେନା । ଡାକ୍ତର ଜଣକ ରେଳ ଲାଇନ୍ ପାର୍ ହେଉଥିବା ବେଳେ ଟ୍ରେନ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ଜିଆରପି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଏଥିସହ ଡାକ୍ତରଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। କ୍ୟାପିଟାଲ୍ ହସ୍ପିଟାଲରେ ହୋଇଥିଲା ପୋଷ୍ଟମର୍ଟମ୍। ପ୍ରାଥମିକ ତଦନ୍ତରେ ଦୁର୍ଘଟଣା ହୋଇଥିବା ପୋଲିସ ଅନୁମାନ କରୁଛି। ପୋଷ୍ଟମର୍ଟମ୍ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ପୋଲିସ କହିଛି।

ତିନିଦିନ ଯାଏ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସ୍କୁଲ୍ ବନ୍ଦ

ଭୁବନେଶ୍ୱର, ୨୨/୦୯
ନ୍ୟୁଜ ବ୍ୟୁରୋ



ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ବିଦ୍ୟାଳୟ ତା. ମଙ୍ଗଳବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ତିନିଦିନ ଧରି ବନ୍ଦ ରହିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବିଦ୍ୟାଳୟଗୁଡିକ ବନ୍ଦ ରହିବ। ସେହିଭଳି ଜିଲ୍ଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଏହି ତିନି ଦିନ ବନ୍ଦ ରହିବା ନେଇ ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି।

ଜିଲ୍ଲାରେ ଲଘୁଚାପ ଜନିତ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଗୁଡ଼ିକ ବନ୍ଦ ରହିବା ପାଇଁ ଜିଲ୍ଲାପାଳ ଅମ୍ରିତ ରତୁରାଜ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ମଙ୍ଗଳବାର ହେବାକୁ ଥିବା ପୂର୍ବ ନିର୍ଦ୍ଧାରିତ ଏନଆରଟିଏସ ପରୀକ୍ଷା ଅନୁଷ୍ଠିତ ହୋଇଥିବା ଜଣାପଡିଛି । ସେହିଭଳି ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ବିଦ୍ୟାଳୟରେ ଉପସ୍ଥିତ ରହିଥିଲେ। ଏହି ସମୟରେ ବିଦ୍ୟାଳୟ କୋଠା ଓ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଦ୍ୟାଳୟ ଗୁଡ଼ିକ ୨୪ ଘଣ୍ଟା ଖୋଲା ରଖିବା ପାଇଁ ରୋଷ୍ଟର ଡ୍ୟୁଟି ପ୍ରଚଳନ ପାଇଁ ପ୍ରଧାନଶିକ୍ଷକ ଏବଂ ଅଧକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ତୁରନ୍ତ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି ।


ପିଇଓଙ୍କ ଘରେ ଭିଜିଲାନ୍ସ ଚଢ଼ଉ

କଟକ, ୨୨/୦୯ ନ୍ୟୁଜ ବ୍ୟୁରୋ

ପଦ୍ମପୁର ଉପଖଣ୍ଡ ଗାଇସିଲେଟ୍ ବ୍ଲକର କଟାବାହାଲ ପଞ୍ଚାୟତର ପଞ୍ଚାୟତ ଏକ୍ସଟେନସନ୍ ଅଫିସର (ପିଇଓ) କାର୍ତ୍ତିକେଶ୍ୱର ବେହେରାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରାଯାଇଛି । ସମ୍ବଲପୁର ଡିଭିଜନ୍ ଭିଜିଲାନ୍ସ ଟିମ୍ ପକ୍ଷରୁ ଏହି ଚଢ଼ଉ କରାଯାଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, କାର୍ତ୍ତିକେଶ୍ୱର ବେହେରାଙ୍କ ସହ ସମ୍ପର୍କିତ କଟାବାହାଲ ପଞ୍ଚାୟତ କାର୍ଯ୍ୟାଳୟ ଓ ଗାଇସିଲେଟ୍ ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଭିଜିଲାନ୍ସ ଟିମ୍ ପକ୍ଷରୁ ଯାଞ୍ଚ କରାଯାଇଛି । ଚଢ଼ଉ ସମୟରେ ତାଙ୍କ ଘରୁ ନଗଦ ପ୍ରାୟ ୨ ଲକ୍ଷ ଟଙ୍କା, ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା, ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡ, ଚେକ୍ ବୁକ୍ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିବା ଜଣାପଡ଼ିଛି ।

ପ୍ରକାଶ ଅପେକ୍ଷାରେ ...

ଚର୍ଚ୍ଚିତ ଗଳ୍ପ ପତ୍ରିକା 'କଥା କଳିକା'ର
ମହାପୂଜା ସଂଖ୍ୟା-୨୦୨୬




ଏଥର ସୂଚୀରେ କଥାକଳିକାର ଗାଳ୍ପିକ...

ସ୍ମରଣୀୟ କଥା : ସୁଜାତା ମହାପାତ୍ର
ସମକାଳର କଥା : କ୍ଷୀରୋଦ ଦାସ, ଆଭାସ କୁମାର ବରାଳ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ରବି ପଣ୍ଡା, ଗଙ୍ଗାଧର ବିଶ୍ୱାଳ, ଉପେନ୍ଦ୍ର ପ୍ରସାଦ ନାୟକ, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚନ୍ଦ, ଅଜୟ ମହାପାତ୍ର, ରଞ୍ଜନ ପ୍ରଧାନ, ପ୍ରତାପ ବିଶ୍ୱାଳ, ରେବା ପଟ୍ଟନାୟକ, ସ୍ୱାଗତିକା ସେଠୀ, ଉମାକାନ୍ତ ରାଉତ, ବିନୋଦିନୀ ଗନ୍ତାୟତ, ପଦ୍ମନାଭ ଦାଶ, କମଳିନୀ ମଲ୍ଲିକ, ବିଦ୍ୟାଧର ଗୁରୁ, ରୀତାଞ୍ଜଳି ସାହୁ, ସୋମନାଥ ବିଷୋୟୀ, ସ୍ୱିଗ୍ଧା ନାୟକ, ଲିପ୍ସା ପଟେଲ, ସଂଜୁକ୍ତା ଦାଶ, ଆଶାରାଣୀ ପଣ୍ଡା, ସୁନୀତା କର, ମୁକ୍ତିକାନ୍ତ ମହାପାତ୍ର, ବାସନ୍ତୀ ଦାସ, ରାଧାଶ୍ୟାମ ରାଉଳ, ନମୀତା ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସନ୍ତୋଷୀ ସ୍ୱାଇଁ।
ଅନ୍ୟଭାଷାର କଥା : ଅନୁରୂପା ସିଂ, କନକମଞ୍ଜରୀ ସାହୁ।
ସାକ୍ଷାତକାର: ଗାଳ୍ପିକ ଅଜୟ ସ୍ୱାଇଁ ଓ କଥାକାର ରାଜ କିଶୋର ଦାସ।
ନୂଆ ଗପ ବହି : ରଜତକରଙ୍କ ଅଳ୍ପଦିନର ଗଳ୍ପ
ସମୀକ୍ଷା : ମାନିନୀ ମିଶ୍ର
ଯୁବମାନସର କଥା : ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚିନ୍ମୟୀ ପଣ୍ଡା, ଆରାଧନା ମିଶ୍ର ଏବଂ ଶେଷରେ
କଥା ସାଗର : ଅନୁବାଦ ଉପନ୍ୟାସ- ଏତେ ଟିକିଏ ବସା
ଭାଷାନ୍ତର : ଔପନ୍ୟାସିକ-ସୁପ୍ରଭା ରାୟ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୭୨/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)





ଭୁବନେଶ୍ୱର : ଲଘୁଚାପଜନିତ ତୁହାକୁ ତୁହା ପ୍ରବଳ ବର୍ଷା ଯୋଗୁଁ ରାଜଧାନୀରେ ଜୀବନଯାତ୍ରା ବିପର୍ଯ୍ୟସ୍ତ। (ଫଟୋ : ସମ୍ବାଦ କଳିକା)

ଏସ୍‌ସିବିରେ ଦେଢ଼ କୋଟି ଟଙ୍କା କେଳେଙ୍କାରୀ :ଦୁର୍ନୀତିର ଚେର ଭେଦିପାରୁନି ପୋଲିସ

କଟକ, ୨୨/୦୯ ନ୍ୟୁଜ ବ୍ୟୁରୋ

ଏସ୍‌ସିବି ମେଡିକାଲରେ ଟିଏ, ଡିଏ, ଲିଭ୍ ସାଲାରି କେଳେଙ୍କାରୀ ଚେର ଭେଦ କରିପାରୁନି ପୁଲିସ । ଦେଢ଼ କୋଟି ଟଙ୍କା ଚଳୁ ହୋଇଥିବାର ଅଡିଟ୍ ରିପୋର୍ଟକୁ ପୁଲିସ ଦୀର୍ଘ ୨୦ ଦିନରୁ ଅଧିକ ସମୟ ହେବ ଅନୁଧ୍ୟାନ କରୁଥିଲେ ହେଁ ତଦନ୍ତରେ ବିଶେଷ ଅଗ୍ରଗତି ହୋଇପାରିନାହିଁ । କେବଳ ଘରୋଇ ଡାଟା ଏଣ୍ଟ୍ରି ଅପରେଟରକୁ ଗିରଫ କରିବା ଛଡ଼ା ପୁଲିସ ଆଉ ବିଶେଷ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ । ଉକ୍ତ ଘଟଣାରେ ପୁଲିସର ତଦନ୍ତ କହିଲେ, ଡ୍ରଇଁ ଡିସ୍ପୋଜାଲ୍ ଅଫିସର (ଡିଡିଓ) ଓ ଆକାଉଣ୍ଟାଣ୍ଟଙ୍କୁ ୩/୪ ଥର ଡାକି ପଚରା ଉଚରା କରିଛି । ଏହା ବ୍ୟତୀତ ପୁଲିସ ଏହି ଘଟଣାରେ ବିଶେଷ କିଛି ଆଖିଦୃଶିଆ ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ । ଅପରପକ୍ଷରେ ମେଡିକାଲ ଅଧୀକ୍ଷକଙ୍କ ପକ୍ଷରୁ ଚାଲିଥିବା ପ୍